# ଅଧିକାରୀଙ୍କ ଦାୟିତ୍ୱହୀନତା ପାଇଁ ଉଠା ଦୋକାନୀଙ୍କୁ ମିଳୁନି ଘର

ଅନୁଗୋଳ ସଦର, ୫।୧୨(ପ୍ରତାପ ବିଶ୍ୱାଳ)




ଛୋଟ ଛୋଟ ଉଠା ଦୋକାନୀଙ୍କୁ ଥଇଥାନ ଏବଂ ସହରାଞ୍ଚଳରେ ଶ୍ରମିକମାନଙ୍କୁ କାମଧନ୍ଦା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା(ମୁକ୍ତା) ପ୍ରଣୟନ କରିଛନ୍ତି। ସେହି ଯୋଜନାରେ ଅନୁଗୋଳ ସହରରେ ରାସ୍ତା କଡରେ ବସି ବିଭିନ୍ନ ସାମଗ୍ରୀ ବିକ୍ରି କରୁଥିବା ଉଠା ଦୋକାନୀଙ୍କ ପାଇଁ ବିଭିନ୍ନ ସ୍ଥାନରେ ଭେଣ୍ଡିଂ ଜୋନ କରାଯାଇଛି। ସ୍ୱଳ୍ପ ମୂଲ୍ୟରେ ଉଠା ଦୋକାନୀଙ୍କୁ ଦୋକାନ ଯୋଗାଇ ଦିଆଯାଉଛି। ସରକାରଙ୍କ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିଲେ ମଧ୍ୟ ଦୀର୍ଘ ଦିନ ହେଲା ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଦୋକାନ ଘର ଗୁଡିକ ବଣ୍ଟନ କରାଯାଉ ନଥିବାରୁ ଉଠା ଦୋକାନୀମାନେ ହଇରାଣ ହେଉଛନ୍ତି। କିଛିଦିନ ହେଲା ସେହି ଦୋକାନ ଘର ଗୁଡିକ ନିଶାସକ୍ତ ଓ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ରାସ୍ତାକଡରେ ବସି ବିଭିନ୍ନ ସାମଗ୍ରୀ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିବା ଗରିବ ଉଠା ଦୋକାନୀମାନେ ଅନେକ ସମୟରେ ଉଚ୍ଛେଦର ଶିକାର ହେଉଛନ୍ତି। ତେଣୁ ସେମାନଙ୍କୁ ସ୍ଥାୟୀ ଭାବେ ଗୋଟିଏ ସ୍ଥାନରେ ବସିବା ପାଇଁ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି।



ମୁକ୍ତା ଯୋଜନାରେ ସହରର ଶିକ୍ଷକପଡ଼ା, ହାକିମ ପଡ଼ା, କଦମପଡ଼ିଆ ନିକଟସ୍ଥ, ଟାଉନ ହାଇସ୍କୁଲ ନିକଟସ୍ଥ ଏବଂ ମିଶ୍ରପଡ଼ା ଆଦି ସ୍ଥାନରେ ଭେଣ୍ଡିଂ ଜୋନ କରାଯାଇଛି। ଏହି ସବୁ ସ୍ଥାନରେ ୧୨୬ଟି ଅସ୍ଥାୟୀ ଦୋକାନ ଘର ନିର୍ମାଣ କରାଯାଇଛି। ରାସ୍ତା କଡ଼ରେ ବସି ବିକ୍ରି କରୁଥିବା ଉଠା ଦୋକାନୀଙ୍କୁ ଚିହ୍ନଟ କରାଯାଇ ଖୁବ ଶୀଘ୍ର ସେହି ଦୋକାନ ଘର ଗୁଡିକ ବଣ୍ଟନ କରାଯିବ।

ସରକାରଙ୍କ ତରଫରୁ ଗୋଟିଏ ଦୋକାନ ଘର ତିଆରି ପାଇଁ ଏକ ଲକ୍ଷରୁ ଅଧିକ ଟଙ୍କା ବ୍ୟୟ କରାଯାଇଛି। ତେଣୁ ସରକାର ୧ କୋଟି ୨୭ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟ କରିଛନ୍ତି। ଚିହ୍ନଟ ହୋଇଥିବା ଉଠା ଦୋକାନୀମାନେ ମାତ୍ର ୫୦ହଜାର ଟଙ୍କା ଜମା କରି ଦୋକାନ ଘର ନେଇ ପାରିବେ। ଏହାଛଡା ମାସିକ ଭଡା ମଧ୍ୟ ଖୁବ କମ ରହିଛି। ଉଠା ଦୋକାନୀମାନଙ୍କୁ ସ୍ଥାୟୀ ଭାବେ ଥଇଥାନ କରିବାକୁ ସରକାରଙ୍କ ଏହା ଏକ ଭଲ ପଦକ୍ଷେପ। କିନ୍ତୁ ଦୀର୍ଘ ଦିନ ହେଲା ସେମାନଙ୍କ ଉଠା ଦୋକାନ ଉଚ୍ଛେଦ କରାଯାଇଛି। ହେଲେ କୌଣସି କାରଣରୁ ସେମାନଙ୍କୁ ଦୋକାନ ଘର ହସ୍ତାନ୍ତର କରାଯାଇ ନାହିଁ। ଫଳରେ ଦୋକାନୀମାନେ ହାତବାନ୍ଧି ବସି ରହିଛନ୍ତି। ଅନୁଗୋଳ ପୌର ପରିଷଦର ନିର୍ବାହୀ ଅଧିକାରୀ ବାରମ୍ବାର ବଦଳିବା ଏବଂ ଦାୟିତ୍ୱ ନେଇଥିବା ଅଧିକାରୀମାନଙ୍କ ଇଚ୍ଛାଶକ୍ତି ଅଭାବରୁ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଘର ଗୁଡିକ ଆବଣ୍ଟନ ହୋଇ ପାରୁନାହିଁ। ଅନେକ ସ୍ଥାନରେ ଦୋକାନ ଘର ଗୁଡିକ ଖୋଲାରହୁଛି। କେହି ଦାୟିତ୍ୱରେ ନାହାନ୍ତି। ଫଳରେ ରାତି ଦିନ ସେଠାରେ ଅନୈତିକ କାର୍ଯ୍ୟକଳାପ ଚାଲୁଛି। ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜି ଯିବାର ଆଶଙ୍କା ମଧ୍ୟ ରହିଛି। ପୂର୍ବତନ ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କ ମନମୁଖୀ କାର୍ଯ୍ୟକଳାପ ଏବଂ ଅର୍ଥଖୋର ମାନଭାବ ଯୋଗୁ ଆଜି ପର୍ଯ୍ୟନ୍ତ ଦୋକାନ ଘର ଗୁଡିକ ପଡ଼ିରହିଛି ବୋଲି ଅଭିଯୋଗ ହେଉଛି। ସେଥିପାଇଁ ସରକାର ଏହି ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନାହିଁ। ତେଣୁ ଉଠା ଦୋକାନୀମାନଙ୍କୁ ଖୁବ ଶୀଘ୍ର ଦୋକାନ ଘର ଗୁଡିକ ଆବଣ୍ଟନ କରାଯିବା ଆବଶ୍ୟକ ବୋଲି ଦାବି ହୋଇଛି।

ଏନେଇ ପୌର ପରିଷଦ ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ କହିଛନ୍ତି, ଦୁଇ ତିନିଟି ସ୍ଥାନରେ ଦୋକାନ ଘର ବଣ୍ଟା ସରିଛି। ହାକିମ ପଡ଼ାରେ ସାମାନ୍ୟ ଅଡୁଆ ଥିବାରୁ ପୁଣି ଥରେ ଏହାର ତଦନ୍ତ କରାଯାଇ ପ୍ରକୃତ ହିତାଧିକାରୀଙ୍କୁ ଦିଆଯିବ। ଟାଉନ ହାଇସ୍କୁଲ ପାଖରେ ନିର୍ମାଣ ହୋଇଥିବା ଆଦର୍ଶ ଭେଣ୍ଡିଂ ଜୋନରେ ୫୪ଟି ଘର ପାଇଁ ଖୁବ ଶୀଘ୍ର ଆବେଦନ ଗ୍ରହଣ କରାଯିବ। ଯେଉଁମାନେ ଯୋଗ୍ୟ ସେମାନଙ୍କୁ ଦିଆଯିବ। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଅନୁଗୋଳ ସହରରେ ମୁକ୍ତା ଯୋଜନାରେ ଆଗକୁ ଆହୁରି ଶତାଧିକ ଅସ୍ଥାୟୀ ଦୋକାନ ଘର ତିଆରି କରାଯିବ। ସହରରେ କେହି ଉଠା ଦୋକାନୀ ରହିବେ ନାହିଁ।

## ଦୁର୍ଘଟଣାରେ ଶ୍ରମିକ ମୃତ

**କିଶୋରନଗର, ୫।୧୨(ସମିସ):** କିଶୋରନଗର ଥାନା ବାମୁର ପଞ୍ଚାୟତର ମାଣିକପୁର ଗ୍ରାମରେ ମିସ୍ତ୍ରୀ ଭାବେ କାମ କରୁଥିବା ସୋନପୁର ଜିଲ୍ଲା ଅମାନ୍ତପାଲ୍ଲିର ନିରଞ୍ଜନ ହରିପାଲଙ୍କ ମୃତ୍ୟୁ ଘଟିଛି। ସେ ଆଜି ଅପରାହ୍ନରେ ମାଣିକପୁରରେ ଜଣକ ଘର ସେଣ୍ଟିଂ ଖୋଲୁଥିବା ବେଳେ ଫଲ୍‌ସ ପଡ଼ିବାରୁ ସେ ଗୁରୁତର ହୋଇଥିଲେ। ଖବରପାଇ ବାମୁର ଦମକଳ ବାହିନୀ ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଅନୁଗୋଳରେ ହ୍ରାସ ପାଉଛି ଭୂତଳ ଜଳସ୍ତର

**ଅନୁଗୋଳ, ୫।୧୨(ସମିସ):** ରାଜ୍ୟରେ ଅନୁଗୋଳ ଜିଲ୍ଲା ସମେତ ୯ଟି ଜିଲ୍ଲାରେ ଭୂତଳ ଜଳସ୍ତର ଢେର ହ୍ରାସ ପାଇଛି। ବର୍ଷା ଜଳ ଅମଳ ପ୍ରକଳ୍ପ ଓ ଭୂତଳ ଜଳ ପୁନର୍ଭରଣ କରିବା ପାଇଁ ହୋଇଥିବା ଉଦ୍ୟମରେ ଆଶାଜନକ ସଫଳତା ମିଳିନି। ଏକ ରିପୋର୍ଟରେ କୁହାଯାଇଛି ଗତ ଏକ ବର୍ଷ ମଧ୍ୟରେ ରାଜ୍ୟରେ ଭୂତଳ ଜଳର ବ୍ୟବହାର ୦.୧୬ ବିଲିଅନ କ୍ୟୁବିକ ମିଟର ବଢ଼ିଥିବା ବେଳେ ଜଳ ଅମଳ ୦.୪୪ କ୍ୟୁବିକ୍ ମିଟର କମିଛି। ବର୍ଷକୁ ଏବେ ଜଳସେଚନରେ ୫.୯୬ ବିଲିଅନ କ୍ୟୁବିକ ମିଟର, ଶିଳ୍ପ ପାଇଁ ୦.୧୮ ବିଲିଅନ କ୍ୟୁବିକ ମିଟର ଏବଂ ଘରୋଇ କାର୍ଯ୍ୟ ପାଇଁ ୧.୨୫ ବିଲିଅନ କ୍ୟୁବିକ ମିଟର ଜଳ ଖର୍ଚ୍ଚ ହେଉଛି। ସହରାଞ୍ଚଳରେ ପିଇବା ଠାରୁ ଆରମ୍ଭ କରି ଗାଡି ଧୋଇବା ଯାଏ ବହୁ ଜଳ ଖର୍ଚ୍ଚ ହେଉଛି। ଓଡ଼ିଶାର ୩୧୪ଟି ବ୍ଲକ ମଧ୍ୟରୁ ୨୯୯ଟି ବ୍ଲକରେ ଭୂତଳ ଜଳସ୍ତର ନିରାପଦ ମାନ୍ୟତାରେ ଥିବା ବେଳେ ୬ଟି ବ୍ଲକରେ ପାଣି ମାତ୍ରାଧିକ ଖାରିଆ ରହିଛି। ଅନ୍ୟପକ୍ଷରେ ଅନୁଗୋଳ ସମେତ ୯ଟି ଜିଲ୍ଲାରେ ଜଳସ୍ତର ସେମି କ୍ରିଟିକାଲ୍ ସ୍ତରରେ ଅଛି।

## ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ଦିବସ




**ଅନୁଗୋଳ, ୫।୧୨(ସମିସ):** ଜୀବଜନ୍ତୁ କଲ୍ୟାଣ ପ୍ରତିଷ୍ଠାନ ତରଫରୁ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ଦିବସ ସଂସ୍ଥାର ଅଧ୍ୟକ୍ଷ ରବୀନ୍ଦ୍ର ନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଗୋଳରେ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ଦିବସ ପାଳିତ ହୋଇଛି। ଏହି ଅବସରରେ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ଦିବସ ଉପରେ ଏକ ସଚେତନତା ଶୋଭାଯାତ୍ରା ଓ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆଲୋଚିତ ହୋଇଥିଲା ଯେ, ମିଳିତ ଜାତିସଂଘର ନିଷ୍ପତ୍ତିକ୍ରମେ ୨୦୧୨ ମସିହା ପ୍ରତି ବର୍ଷ ଡିସେମ୍ବର ମାସ ୪ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ଦିବସ ରୂପେ ପାଳିତ ହୋଇଆସୁଛି। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା ଆମ ପୃଥିବୀରେ ଚିହ୍ନିତ ୧୭ ଲକ୍ଷ ୫୦ ହଜାର ଜୀବଜାତିକୁ ସୁରକ୍ଷା ପାଇଁ ଜନସଚେତନତା ସୃଷ୍ଟି କରିବା। ବଣ, ଜଙ୍ଗଲ, ନଦୀ, ନାଳ, ସମୁଦ୍ର ଓ ବିଭିନ୍ନ ପ୍ରାକୃତିକ ପରିବେଶରେ ରହୁଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ସେମାନଙ୍କ ସଂରକ୍ଷଣ ଉପରେ ପଦକ୍ଷେପ ନେବା ପାଇଁ ସାରା ବିଶ୍ୱରେ ଏହି ଦିବସ ପାଳିତ ହେଉଛି।

## ସାହିତ୍ୟିକ ରମେଶ ଚନ୍ଦ୍ର ମିଶ୍ର ସମ୍ବର୍ଦ୍ଧିତ

**କିଶୋରନଗର, ୫।୧୨(ସମିସ):** କୋଣାର୍କ ଉତ୍ସବରେ କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କୋଣାର୍କ ସାହିତ୍ୟ ଆସରରେ ବଇଣ୍ଡାର ସାହିତ୍ୟିକ ତଥା ସଂଗଠକ ରମେଶ ଚନ୍ଦ୍ର ମିଶ୍ରଙ୍କର ଜୀବନର ସମ୍ବିଧାନ ଗୀତା ପୁସ୍ତକର ଦ୍ୱିତୀୟ ସଂସ୍କରଣ ଲୋକାର୍ପିତ ହୋଇଯାଇଛି। ତାଙ୍କ ସୃଜନ ପ୍ରତିଭା ତଥା ସାହିତ୍ୟ ସେବାରେ ଉତ୍ସର୍ଗୀକୃତ କାର୍ଯ୍ୟଧାରା ପାଇଁ ସମ୍ବର୍ଦ୍ଧନା ପତ୍ର, ତାଙ୍କ ନିଜର ତୈଳଚିତ୍ର ସହ ଉତ୍ତରୀୟ ଦେଇ ବହୁମୁଖୀ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିରେ ଅନୁଗୋଳ ଜିଲ୍ଲାର ବହୁ ସାହିତ୍ୟିକ ଆନନ୍ଦ ପ୍ରକାଶ କରି ତାଙ୍କ ନିକଟକୁ ଶୁଭେଚ୍ଛା ଜଣାଇଛନ୍ତି।

## ନାଲକୋ ଟାଉନସିପ୍‌ରେ ପ୍ରବେଶ ନେଇ ଜାରି ହେଲା କଟକଣା

**ଅନୁଗୋଳ, ୫।୧୨(ସମିସ):** ନାଲକୋ ଟାଉନସିପ୍ ସୁରକ୍ଷା ବ୍ୟବସ୍ଥାରେ କଲୋନିବାସୀ ଅତିଷ୍ଠ ହୋଇ ପଡ଼ିଥିଲେ। କଲୋନିବାସୀ ଧନ ଜୀବନକୁ ସୁରକ୍ଷିତ ମଣୁନଥିଲେ। କୋଲିନୀବାସୀ ତଥା ଶ୍ରମିକ ୟୁନିୟନ ପକ୍ଷରୁ ଟାଉନସିପ ସୁରକ୍ଷା ସମ୍ପର୍କିତ ଆଲୋଚନା ନାଲକୋ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଅନେକ ଥର ହୋଇଛି। ଯାହା ଫଳରେ ସୁରକ୍ଷା କର୍ମୀ ବଦନାମ ମୁଣ୍ଡେଇବା ସହ କାର୍ଯ୍ୟରୁ ବହିଷ୍କୃତ ହୋଇଥିବା ମଧ୍ୟ ନଜିର ରହିଛି। ଗତ କିଛିଦିନ ତଳେ କର୍ତ୍ତବ୍ୟରେ ଅବହେଳା ଯୋଗୁଁ ୬ଜଣ ସୁରକ୍ଷା କର୍ମୀଙ୍କୁ ମଧ୍ୟ ନିଲମ୍ବନ କରାଯାଇଥିଲା। ନିୟୋଜିତ ଘରୋଇ ସିକ୍ୟୁରିଟି ସଂସ୍ଥାର କାର୍ଯ୍ୟନିର୍ବାହ ମିଆଦୀ ଆଉ କିଛିଦିନରେ ଶେଷ ହେବାକୁ ଯାଉଛି। ଏହି ପରିପେକ୍ଷିରେ ଉକ୍ତ ସିକ୍ୟୁରିଟି ସଂସ୍ଥା ନୂତନ ଅଧିକାରୀଙ୍କୁ ନିଯୁକ୍ତି ଦେଇ ନାଲକୋରେ ଉନ୍ନତ ସିକ୍ୟୁରିଟି ସେବା ଯୋଗାଇ ଦେବାକୁ ଆସ୍ଥା ପ୍ରକଟ କରିଛି। ନୂତନ ସିକ୍ୟୁରିଟି ଅଧିକାରୀ ନିଯୁକ୍ତି ପରେ ଗତ ୧ତାରିଖ ଠାରୁ ଟାଉନସିପ୍‌ରେ ସୁରକ୍ଷା ଦିଗରେ କିଛି ପରିବର୍ତ୍ତନ ହୋଇଥିବା ଦେଖିବାକୁ ମିଳିଛି। ଟାଉନସିପ୍‌ର ୪ଟି ମୁଖ୍ୟ ପ୍ରେବେଶ ଫାଟକରେ ବିନା କାରଣରେ ବାହାର ଲୋକ ପ୍ରବେଶକୁ ବାରଣ କରାଯାଇଛି। ପ୍ରବେଶ ପଥରେ ସୁରକ୍ଷା କର୍ମୀମାନେ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରି ଛାଡୁଛନ୍ତି। ଯାହା ଫଳରେ ତାଳଚେର-ଅନୁଗୋଳକୁ ଯିବା ଆସିବାରେ ନାଲକୋ କଲୋନୀକୁ ବାଇପାସ୍ ରାସ୍ତା କରି ବ୍ୟବହାର କରୁଥିବା ଲୋକଙ୍କ ଯାତାୟାତ ଠପ୍ ହୋଇଯାଇଛି।

## ଫାଟିଲା ନାଲ୍‌କୋ ଆସ୍ ପାଇପ୍ ଲାଇନ୍

**ଅନୁଗୋଳ, ୫।୧୨(ସମିସ):** ନାଲ୍‌କୋ ସିପିପି ପ୍ଲାଣ୍ଟରୁ ନିର୍ଗତ ବର୍ଜ୍ୟ ପାଉଁଶ ପରିଚାଳନାରେ ସମସ୍ୟା ପିଛା ଛାଡୁନି। ପାଉଁଶ ପରିଚାଳନା ପ୍ରକଳ୍ପ ୧୦ ବର୍ଷ ବିଳମ୍ବରେ ଗତବର୍ଷ ଜୁଲାଇ ମାସରେ କାର୍ଯ୍ୟକ୍ଷମ ହୋଇଥିଲା। ସିପିପି ପ୍ଲାଣ୍ଟ ଠାରୁ ବଳରାମ ପ୍ରସାଦ, ଟେଣ୍ଟୁଲଇ, ଏକଘରିଆ, କୁକୁଡାଙ୍ଗ, ଗୋବରା, କର୍ଣ୍ଣପୁର ଆଦି ଗ୍ରାମ ଦେଇ ତାଳଚେର ଭରତପୁର ପରିତ୍ୟକ୍ତ କୋଇଲା ଖଣିରେ ପାଉଁଶ ମିଶା



**● ଅଞ୍ଚଳବାସୀଙ୍କ ଅସନ୍ତୋଷ**

ପାଣି ଏବେ ନିଷ୍କାସିତ ହେଉଛି। ଗତ ତିନିମାସ ତଳେ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଥଇଥାନ ନିଯୁକ୍ତି ଦାବିରେ ୧୫ଦିନ ଯାଏ ପାଉଁଶ ପରିଚାଳନାକୁ କର୍ଣ୍ଣପୁର ଠାରେ ସମ୍ପୂର୍ଣ୍ଣ ଠପ କରିଦେଇଥିଲେ। ପୁନଶ୍ଚ କର୍ଣ୍ଣପୁରଠାରେ ଆସ ପାଇପ ଲାଇନ ଫାଟି ଆଞ୍ଚଳବାସୀଙ୍କୁ ଆତଙ୍କିତ କରିଥିଲା। ଏପଟେ ନାଲକୋ ନିଜସ୍ୱ ପାଉଁଶ ପୋଖରୀ ପୂର୍ଣ୍ଣ ହୋଇଯିବାରୁ ପ୍ରଦୂଷଣ ବିଭାଗ ନାଲକୋକୁ ତାଗିଦ କରିଥିଲା। ଆଜି ପୁନର୍ବାର ଆସ୍ ପାଇପ ଫାଟିଯିବାରୁ ଲୋକଙ୍କ ଚିନ୍ତା ବଢ଼ାଇଛି। ତେଣ୍ଟୋଲୋଇ ଗ୍ରାମ ଦେଇ ଯାଇଥିବା ନାଲକୋ ଆସ୍ ପାଇପ ଲାଇନ୍ ଫାଟି ଯାଇଛି। ସୂଚନା ମୁତାବକ, ମଙ୍ଗଳବାର ସକାଳେ ତେଣ୍ଟୋଲୋଇ ଗ୍ରାମ ଦେଇ ଯାଇଥିବା ନାଲକୋ ଆସ ପାଇପ ଲାଇନ କୌଣସି କାରଣରୁ ଫାଟି ଯାଇଥିଲା। ଜୋରରେ ଶବ୍ଦ କରି ପାଇପରୁ ଆସ୍ ପାଣି ବାହାରିଥିଲା। ଏହା ଦେଖି ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇପଡ଼ିଥିଲେ। ତେବେ ପାଇପ ଲାଇନର ରକ୍ଷଣା ବେକ୍ଷଣର ଅଭାବ କିମ୍ବା ହାଇପ୍ରେସର ଯୋଗୁଁ ପାଇପ ଫାଟି ପାଉଁଶ ମିଶା ପାଣି ବାହାରୁଥିବା ଅନୁମାନ କରାଯାଉଛି। ପାଉଁଶ ମିଶା ବିଷାକ୍ତ ପାଣିରେ ପରିବେଶ ପ୍ରଦୂଷଣ ହେଉଛି। ସନ୍ଧ୍ୟା ସୁଦ୍ଧା ମରାମତି କାର୍ଯ୍ୟ ହୋଇନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ଟ୍ରକ୍ ଧକ୍କାରେ ଜଣେ ମୃତ, ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

**ତାଳଚେର ସଦର, ୫।୧୨(ସମିସ):** ତାଳଚେର ବ୍ଲକ ଅନ୍ତର୍ଗତ ଥର୍ମାଲ ଆନନ୍ଦବଜାର ଛକରେ ୧୪୯ନମ୍ବର ଜାତୀୟ ରାଜପଥ ଏକ ଟ୍ରକ୍ ଧକ୍କାରେ କଣିହାଁ ଥାନା ଅନ୍ତର୍ଗତ ଦୁର୍ଗାପୁର ଗ୍ରାମର ବ୍ରଜବନ୍ଧୁ ବେହେରାଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଅଞ୍ଚଳବାସୀ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ତାଳଚେର ସରକାରୀ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ପରିବାର ଲୋକ ମୃତଦେହକୁ ନେଇ ସେହି ଦୁର୍ଘଟଣା ସ୍ଥାନରେ ରଖି ଆନ୍ଦୋଳନ କରିଥିଲେ। ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ କ୍ଷତିପୂରଣର ଦାବିରେ ଏହି ଆନ୍ଦୋଳନରେ ବହୁ ଲୋକ ସାମିଲ ହୋଇଥିଲେ। ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ବନ୍ଦ ରହିଥିଲା।




## ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାନୁଷ୍ଠାନରେ ବିଜ୍ଞାନ ମେଳା



**କିଶୋରନଗର, ୫।୧୨(ସମିସ):** ଦୁନିଆରେ ବହୁତ ଘଟଣା, କାର୍ଯ୍ୟ ଓ ପରିବର୍ତ୍ତନ ଅହରହ ଚାଲିଛି। ସବୁ କାର୍ଯ୍ୟର କାରଣ ରହିଛି। ସେହି କାରଣ ଖୋଜିବାରୁ ବିଜ୍ଞାନ ଜନ୍ମ ନିଏ। ଅନ୍ଧ ଭାବରେ ଗ୍ରହଣ ନକରି ପ୍ରତ୍ୟେକ କାର୍ଯ୍ୟର କିନ୍ତୁ ଅନ୍ୱେଷଣ କଲେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ବିକାଶ ହେବ ବୋଲି ଅତିଥିମାନେ ବିଜ୍ଞାନ ମେଳାରେ ପ୍ରକାଶ କରିଛନ୍ତି। ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନରେ ବିଜ୍ଞାନ ମେଳା ଉଦଘାଟନ ସମାରୋହରେ ଅନୁଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କିଶୋରନଗର ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ କିଶୋର ନଗର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁପ୍ରଭା ସାହୁ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ପର୍ଶୁରାମ ଛନ୍ଦ ଯୋଗଦେଇଥିବା ବେଳେ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟାକ୍ଷା ବବିତା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ ଓ ସ୍ଥାନୀୟ ସରପଞ୍ଚ ସଞ୍ଜିତ କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମେଳାରେ ସମୁଦାୟ ୬୦ଜଣ ପ୍ରକଳ୍ପ ନିର୍ମାତା ପ୍ରକଳ୍ପ ପ୍ରଦର୍ଶନ କରିଥିବା ବେଳେ ବିଚାରକ ଭାବେ ରଣିଆକଟା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଶ୍ରଦ୍ଧାଞ୍ଜଳି ପାଣିଗ୍ରାହୀ ଓ କିଶୋର ନଗର ଉଚ୍ଚବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରମୋଦିନୀ ପ୍ରଧାନ ଯୋଗଦେଇଥିଲେ। ସଭା ପ୍ରାରମ୍ଭରେ ଗୁରୁ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଶିକ୍ଷୟିତ୍ରୀ ଶିବାନୀ ବେହେରା ମଞ୍ଚ ସଞ୍ଚାଳନ କରିଥିଲେ। ବିଜ୍ଞାନ ସୋସାଇଟିର ପ୍ରତିନିଧି ରୁଦ୍ରନାରାୟଣ ମଲ୍ଲିକ ବିଜ୍ଞାନ ମେଳାର ଉଦ୍ଦେଶ୍ୟ କହିଥିଲେ। ଏଅବସରରେ କୃତୀ ପ୍ରକଳ୍ପ ନିର୍ମାତା ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷକ ପ୍ରଶିକ୍ଷକ ସୁବ୍ରତ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିସହିତ ଅନୁଷ୍ଠାନର ପ୍ରାଚୀର ପତ୍ରିକା କସ୍ତୁରୀର ଦ୍ୱିତୀୟ ସଂଖ୍ୟା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।




## ଜିଲ୍ଲାସ୍ତରୀୟ ବିଶ୍ୱମୃତ୍ତିକା ଦିବସ

**ଅନୁଗୋଳ, ୫।୧୨(ସମିସ):** କୃଷି ଓ କୃଷକ ଶସକ୍ତିକରଣ ବିଭାଗ ପକ୍ଷରୁ ମଙ୍ଗଳବାର କୃଷି ଜିଲ୍ଲା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ ହୋଇଯାଇଛି। ଏଥିରେ ଅତିଥି ଭାବେ ବରିଷ୍ଠ ବୈଜ୍ଞାନିକ ଦେବାଶିଷ ମିଶ୍ର, ମୁଖ୍ୟ କୃଷି ଅଧିକାରୀ ଯୋଶୀଦୀପ୍ତ ପଟ୍ଟନାୟକ, ଜିଲ୍ଲା କୃଷି ଅଧିକାରୀ ବିଷ୍ଣୁ କର, ପ୍ରମୋଦ ଦାସ, କୃଷି ସହକାରୀ ନିର୍ଦ୍ଦେଶକ ମୃତ୍ତିକା ପରିଚାଳନା ସ୍ମିତାରାଣୀ ବେହେରା ଉପସ୍ଥିତ ଥିଲେ। ଉପଯୁକ୍ତ ବିହନ ଚୟନ, ବିଶୋଧନ, ଖାଦ୍ୟସାର, ପରିଚାଳନା ଜଳସେଚନ, ଘାସ ନିୟନ୍ତ୍ରଣ, ରୋଗ ପୋକ ପରିଚାଳନା, ଫସଲ ସଂରକ୍ଷଣ ଆଦି ବୁଝାଇବା ସହ ନିରୋଗ ରହିବା ଆଦି ବୁଝାଇଥିଲେ। ଶାକୋସିଂହା କୃଷି ଗ୍ରାମ ସେବକ ଯାଦବ ସାହୁଙ୍କ ନେତୃତ୍ୱରେ ଉନ୍ନତି କରିଥିବା ଚାଷୀ ପ୍ରମୋଦ ସାହୁ, ବସନ୍ତ ସାହୁ, ପରମାନନ୍ଦ ବେହେରାଙ୍କୁ କୃଷି ସାର୍ଟିଫିକେଟ୍ ପୁରସ୍କାର ପ୍ରଦାନ କରିଥିଲେ।

## ୪ଦଫା ଦାବିରେ ଲିଙ୍ଗରାଜ ଟାଇମ ଅଫିସ୍ ଆଗରେ ଗଣଧାରଣା

ତାଳଚେର ସଦର, ୫।୧୨(ସମିସ)

ତାଳଚେର ବ୍ଲକ ଅନ୍ତର୍ଗତ ଲିଙ୍ଗରାଜ ସାଇଲୋରେ ସ୍ଥାନୀୟ ବିସ୍ଥାପିତ ବେକାର ଯୁବକ, ଯୁବତୀଙ୍କୁ ନିଯୁକ୍ତି ଓ ସାଇଲୋକରେ କାର୍ଯ୍ୟ କରୁଥିବା ଠିକା ଶ୍ରମିକଙ୍କୁ ଏଚପିସି ଗିଫ୍ଟକାର୍ଡ ଓ ମେଡ଼ିକାଲ କଲେଜ ସୁବିଧା ଯୋଗାଇ ଦେବା ପ୍ରଭୃତି ଦାବିରେ କଣ୍ଡାଳ ପୂର୍ବତନ ସରପଞ୍ଚ ରଙ୍ଗାଧର ନାହାକଙ୍କ ନେତୃତ୍ୱରେ ସ୍ଥାନୀୟ ଖଣି କ୍ଷତିଗ୍ରସ୍ତ ଓ ଶତାଧିକ ଯୁବକ, ଯୁବତୀ ଏହି ଆନ୍ଦୋଳନରେ ସାମିଲ ହୋଇ ଟାଇମ ଅଫିସ୍ ସମ୍ମୁଖରେ ଆନ୍ଦୋଳନ ଜାରି ରଖିଛନ୍ତି। ସେମାନଙ୍କର ଦାବି ଗୁଡ଼ିକ କଣ୍ଡାଳ ପଞ୍ଚାୟତ ଓ ଆଖପାଖ ଗ୍ରାମର ସମସ୍ତ ବେକାରୀ ନିଯୁକ୍ତି କରାଯାଉ, ସାଇଲୋରେ କାର୍ଯ୍ୟ କରୁଥିବା ଠିକା ଶ୍ରମିକମାନଙ୍କୁ ଏଚପିସି ହାରରେ ଦରମା ପ୍ରଦାନ, ସାଇଲୋରେ କାମ କରୁଥିବା ଶ୍ରମିକଙ୍କୁ ଗିଫ୍ଟିକାର୍ଡ ପ୍ରଦାନ ଓ ମେଡ଼ିକାଲ ସୁବିଧା ପ୍ରଦାନ କରାଯିବା ଦାବିରେ ଦିନ ଗଣଧାରଣା ଜାରି ରହିଛି।





### ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଗୀତା ଜ୍ଞାନଯଜ୍ଞ

# ‘ଜଗତ ଭଗବାନଙ୍କ ରୂପ, ଭଗବାନ ଶ୍ରେଷ୍ଠ ବନ୍ଧୁ’





‘କେନ୍ଦ୍ରାପଡ଼ା, ୫ ।୧୨(ସମିସ): ପ୍ରଜ୍ଞାନ ମିଶନ ପକ୍ଷରୁ ଉଦୟନଗରସ୍ଥିତ ସଂସ୍କୃତି ଭବନରେ ୩ଦିନ ବ୍ୟାପୀ ଗୀତା ଜ୍ଞାନଯଜ୍ଞ ଉଦ୍‌ଘାଟିତ ହୋଇଛି । ଅନ୍ତର୍ଜାତୀୟ କ୍ରିୟାଯୋଗର ମୁଖ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ଶ୍ରୀମଦ୍ ଭାଗବତ ଗୀତାର ୪ର୍ଥ ଅଧ୍ୟାୟ ଜ୍ଞାନ କର୍ମ ସନ୍ନ୍ୟାସ ଯୋଗ ଉପରେ ପ୍ରବଚନ ଦେଇଛନ୍ତି । ଗୀତା ଧ୍ୟାନ ପାଠ କରିବା ପରେ ସ୍ୱାମୀ ଅନିର୍ବାଣାନନ୍ଦ ଗିରି ପ୍ରଜ୍ଞାନ ମିଶନର କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ । ସ୍ୱାମୀ ସାରଦାନନ୍ଦ ଗିରି ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ । ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ଭକ୍ତିର ବ୍ୟାଖ୍ୟା କରି ଜଗତକୁ ଭଗବାନଙ୍କ ରୂପ ମନେ କରି ଜଗତର ସେବା କରିବା ଉପରେ ଗୁରୁତ୍ୱ ଦେଇଥିଲେ । ବନ୍ଧୁ କିଏ ବୋଲି ବୁଝାଇବାକୁ ଯାଇ ଭଗବାନଙ୍କୁ ଶ୍ରେଷ୍ଠ ବନ୍ଧୁ ଭାବରେ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ । ସ୍ୱାମୀ ସମର୍ପଣାନନ୍ଦ ଗିରି, ସ୍ୱାମୀ ସୁଧାନନ୍ଦ ଗିରି, ସ୍ୱାମୀ ଅନିର୍ବାଣାନନ୍ଦ ଗିରି, ସ୍ୱାମୀ ବିଜ୍ଞାନାନନ୍ଦ ଗିରି, ସ୍ୱାମୀ ବ୍ରହ୍ମଜ୍ଞାନାନନ୍ଦ ଗିରି, ସ୍ୱାମୀ ସାରଦାନନ୍ଦ ଗିରି ପ୍ରମୁଖ ଉପସ୍ଥିତ ଥିଲେ ।

## ସୁନା ଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ; ସ୍କୁଟିରୁ ପଡ଼ି ମହିଳା ଆହତ

କେନ୍ଦ୍ରାପଡ଼ା, ୫ ।୧୨(ସମିସ): ପୁଣି କେନ୍ଦ୍ରାପଡ଼ା ସହରରେ କଳା ପଲସର ଆତଙ୍କ ଦେଖିବାକୁ ମିଳିଛି । ତରାଣ୍ଡ ଗ୍ରାମର ଜଣେ ମହିଳା ସ୍କୁଟିରେ ଯାଉଥିବାବେଳେ ତାଙ୍କ ବେକରୁ ୨ ଜଣ ଦୁର୍ବୃତ୍ତ ସୁନାଚେନ ଛିଣ୍ଡାଇ ନେଇଥିବା ଅଭିଯୋଗ ହୋଇଛି । ସେଗରାପୁର ସର୍କିଟ ହାଉସ ନିକଟସ୍ଥ କାଳୀ ମନ୍ଦିର ଅତିକ୍ରମ କରି ସ୍କୁଟିରେ ଘରକୁ ଯାଉଥିଲେ । ଏହି ସମୟରେ ଏକ କଳା ପଲସରରେ ଦୁଇ ଜଣ ଦୁର୍ବୃତ୍ତ ତାଙ୍କ ବେକରୁ ଏକ ଭରିର ସୁନା ଚେନ୍ ଛିଡାଇ ନେଇ ପଟ୍ଟାମୁଣ୍ଡାଇ ଆଡ଼କୁ ଫେରାର ହୋଇଯାଇଥିଲେ । ମହିଳା ଜଣଙ୍କ ସ୍କୁଟିରୁ ତଳେ ପଡ଼ି ଖଣ୍ଡିଆଖାବରା ହୋଇଛନ୍ତି । ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ । ଖବର ପାଇ ପରିବାର ସଦସ୍ୟ ପହଞ୍ଚି ତାଙ୍କୁ ଡାକ୍ତରଖାନା ନେଇଥିଲେ । ତେବେ ମହିଳାଙ୍କ ଭାଇ ଏସପିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବାରୁ ଘଟଣା ପ୍ରଘଟ ନ କରିବାକୁ କୁହାଯାଇଛି ।

## ୧୦ରେ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

କେନ୍ଦ୍ରାପଡ଼ା, ୫ ।୧୨(ସମିସ): ପିଲାମାନଙ୍କ ମଧ୍ୟରେ ଚିତ୍ରକଳା ପ୍ରତି ଆଗ୍ରହ ସୃଷ୍ଟି ଓ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକାଶ କରିବା ଲକ୍ଷ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଛି । ଏହି ପ୍ରତିଯୋଗିତା ୧୦ ତାରିଖରେ ପୁରୁଣା ମୁଖ୍ୟ ଡାକ୍ତରଖାନା ନିକଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସକାଳ ୯ ଟାରୁ ୧୨ଟାରେ ଅନୁଷ୍ଠିତ ହେବ । ପଞ୍ଜୀକରଣ ପାଇଁ ସମୟ ରହିଛି ସକାଳ ୯ ଟାରୁ ୧୦ଟା । ସାଧାରଣ ବର୍ଗରେ ୫ରୁ ୧୬ ବର୍ଷ ବୟସର ପିଲାମାନେ ଅଂଶଗ୍ରହଣ କରିପାରିବେ । ସେହିପରି ୫ରୁ ୧୮ ବର୍ଷ ବୟସ୍କ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଭାଗ ନେଇପାରିବେ । ସାଧାରଣ ବର୍ଗ ମଧ୍ୟରେ ଗ୍ରୀନ ଗ୍ରୁପ୍ ପାଇଁ ୫-୮ ବର୍ଷ, ହ୍ୱାଇଟ୍ ଗ୍ରୁପ୍ ପାଇଁ ୯-୧୨ ବର୍ଷ, ବ୍ଲୁ ଗ୍ରୁପ୍ ପାଇଁ ୧୩-୧୬ ବର୍ଷ ବୟସ ସୀମା ରହିଛି । ସେହିପରି ଦିବ୍ୟାଙ୍ଗ ପିଲାମାନଙ୍କ ମଧ୍ୟରେ ୟେଲୋ ଗ୍ରୁପ୍ ପାଇଁ ୫-୧୦ ବର୍ଷ ବୟସ ସୀମା ରହିଥିବା ବେଳେ ରେଡ୍ ଗ୍ରୁପ୍ ପାଇଁ ବୟସ ରହିଛି ୧୧-୧୮ ବର୍ଷ । ସମସ୍ତ ଅଭିଭାବକ ଓ ଆଗ୍ରହୀ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ପ୍ରଶାସନର ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ନିବେଦନ କରାଯାଉଛି । ଏହି ପ୍ରତିଯୋଗିତାରେ ଯୋଗ୍ୟ ବିବେଚିତ ପିଲାଙ୍କୁ ଯୋଗ୍ୟତା ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯିବ । ସୂଚନାଯୋଗ୍ୟ, ଶ୍ରେଷ୍ଠ ବିବେଚିତ ଚିତ୍ରାଙ୍କନକୁ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଅନୁମୋଦନ କରାଯିବ । ଯଦି ସେଠାରେ ଏହି ଚିତ୍ରାଙ୍କନ ଶ୍ରେଷ୍ଠ ବିବେଚିତ ହୁଏ ରାଜ୍ୟସ୍ତରୀୟ ଉତ୍ସବରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ କରାଯିବ । ଇଚ୍ଛୁକ ପ୍ରତିଯୋଗୀମାନେ ବୟସ ପ୍ରମାଣପତ୍ର ସହ ନିଜସ୍ୱ ରଙ୍ଗତୁଳୀ ଧରି ସକାଳ ୯ଟାରେ ଆସି ପହଞ୍ଚିବେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଚିତ୍ରକଳା ପ୍ରତିଯୋଗିତା ପାଇଁ କାର୍ଡବୋର୍ଡ ଯୋଗାଇ ଦିଆଯିବ । ଚିତ୍ରାଙ୍କନର ମୂଲ୍ୟାଙ୍କନ ପାଇଁ ଏକ ସ୍ୱତନ୍ତ୍ର ବିଚାରକମଣ୍ଡଳୀ ଗଠନ କରାଯାଇଛି । ଅଧିକ ବିବରଣୀ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

### ରାସନ ପାଇଁ ୫ ବର୍ଷର ଲଢେଇ

# କାର୍ଡ ଅଛି; ମିଳୁନି ଚାଉଳ

- ଚୋରି ଧରିଦେବାରୁ ରାସନ ଦେଉ ନାହାନ୍ତି ଡିଲର
- ଜିଲ୍ଲାପାଳ, ଯୋଗାଣ ଅଧିକାରୀ, ବିଡିଓଙ୍କୁ ଅଭିଯୋଗ
- ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ମଧ୍ୟ ପ୍ରଶାସନ ବେଖାତିର



କେନ୍ଦ୍ରାପଡ଼ା, ୫ ।୧୨(ସମିସ): ସରକାରଙ୍କ ପକ୍ଷରୁ ଗରିବଙ୍କୁ ରାସନ କାର୍ଡ ମାଧ୍ୟମରେ ମାଗଣା ଚାଉଳ ଦିଆଯାଉଛି; ହେଲେ ତୃଣମୂଳ ସ୍ତରରେ ସ୍ଥାନୀୟ ଡିଲର ସରକାରଙ୍କ ଯୋଜନାକୁ ଲକ୍ଷ୍ୟଭ୍ରଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି । ସରକାରଙ୍କ ପକ୍ଷରୁ ମିଳିଥିବା ରାସନ କାର୍ଡରେ ୨୦୧୯ରୁ ଜଣେ ହିତାଧିକାରୀଙ୍କୁ ସାମଗ୍ରୀ ଦିଆଯାଉନି । କାର୍ଡରୁ ଚାଉଳ ଉଠୁଥିବାବେଳେ ହିତାଧିକାରୀଙ୍କୁ କାହିଁକି ମିଳୁନି ସେ ନେଇ ପ୍ରଶ୍ନ ଉଠିଛି । ଏହି କାରଣ ପାଇଁ ଗତ ୫ ବର୍ଷ ହେଲା ହିତାଧିକାରୀ ରାସନ ପାଇଁ ଲଢେଇ କରୁଛନ୍ତି । ଏହିଭଳି ଏକ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ସାନଝରିଆ ପଞ୍ଚାୟତର ରାଜପୁର ଅଞ୍ଚଳରେ ଦେଖିବାକୁ ମିଳିଛି ।

ଏହି ଅଞ୍ଚଳର ସୁଭଦ୍ରା ମଲିକ ଏବଂ ରେଣୁକା ମଲିକ ଦୁଇଟି କାର୍ଡରେ ସାମଗ୍ରୀ ପାଉଥିଲେ; ହେଲେ ଡିଲର ୨୦୧୯ରୁ ସାମଗ୍ରୀ ଦେଉନାହାନ୍ତି । ଏ ନେଇ ସୁଭଦ୍ରାଙ୍କ ପୁଅ ନିରଞ୍ଜନ ମଲିକ ଜିଲ୍ଲାପାଳ, ଯୋଗାଣ ଅଧିକାରୀ, ବିଡିଓଙ୍କୁ ଅଭିଯୋଗ କରି ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ କରିଛନ୍ତି । ଶେଷରେ ନିରଞ୍ଜନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ହାଇକୋର୍ଟ ମଧ୍ୟ ଜିଲ୍ଲା ପ୍ରଶାସନକୁ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ମଧ୍ୟ ପ୍ରଶାସନ ଖାତିର କରି ନ ଥିବା ନେଇ ନିରଞ୍ଜନ ଅଭିଯୋଗ କରିଛନ୍ତି । ଏନେଇ ନିରଞ୍ଜନ ସୂଚନା ଅଧିକାର ବଳରେ ତଥ୍ୟ ମାଗିବା ସହ ଜିଲ୍ଲାପାଳଙ୍କୁ ପୁଣିଥରେ ରାସନ ସାମଗ୍ରୀ ନ ମିଳିବା ନେଇ ଅଭିଯୋଗ କରିଛନ୍ତି । ଗତ ୫ ବର୍ଷ ହେଲା ରାସନ ସାମଗ୍ରୀ ନ ମିଳିବାରୁ ଭୋକ ଉପାସରେ ୨ଟି ପରିବାରକୁ ରହିବାକୁ ପଡୁଛି । ସ୍ଥାନୀୟ ଡିଲର ଏବଂ ଯୋଗାଣ ବିଭାଗ ଅଧିକାରୀଙ୍କ ମନମାନି ଏବଂ ଆକ୍ରୋଶର ଶିକାର ହୋଇ ଗରିବ ସୁଭଦ୍ରା ଏବଂ ରେଣୁକାଙ୍କ ପରିବାର ଛଟପଟ ହେଉଛନ୍ତି । ଏହି ଦୁଇଟି କାର୍ଡର ହିତାଧିକାରୀ ପର ଘରେ ମୂଲ ଲାଗିଲେ ପରିବାର ଚଳେ; ହେଲେ ଡିଲର ଗୋଟିଏ ମାସର ଚାଉଳ ନ ଦେବାରୁ ହିତାଧିକାରୀ ନିରଞ୍ଜନ ପ୍ରତିବାଦ କରିଥିଲେ । ଡିଲର ଚାଉଳ ଲୁଟ୍ କରିଥିବା ନେଇ ଜଣାପଡ଼ିବା ପରେ ଆକ୍ରୋଶ ମୂଳକ ଭାବେ ରାସନ ସାମଗ୍ରୀ ସେ ବନ୍ଦ କରିଦେଇଛନ୍ତି । ଚାଉଳ ମିଳୁ ନ ଥିବାରୁ ହିତାଧିକାରୀଙ୍କ ସ୍ଥିତି ଆହୁରି ଦୟନୀୟ ହୋଇଯାଇଛି । ବାରମ୍ବାର ଅଧିକାରୀଙ୍କୁ ଏ ନେଇ ନିବେଦନ କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ । ଗୁହାରି ନେଇ ଗଲେ ଅଧିକାରୀମାନେ ମଧ୍ୟ ଆଡ଼ ଆଖିରେ ବି ଏହି ୨ ଗରିବ ପରିବାରକୁ ଚାହୁଁ ନାହାନ୍ତି । କେଉଁ ପରିସ୍ଥିତିରେ ଏହି ୨ଜଣ ହିତାଧିକାରୀଙ୍କ କାର୍ଡ ସଚଳ ଥାଇ ମଧ୍ୟ ରାସନ କାହିଁକି ମିଳୁନି ସେ ନେଇ ତଦନ୍ତ କରାଯିବାକୁ ଦାବି ହୋଇଛି । ହିତାଧିକାରୀଙ୍କ ନାଁରେ ଚାଉଳ ଉଠୁଥିଲେ ମଧ୍ୟ କୁଆଡେ ଯାଉଛି ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି ।

## ବଜ୍ରମହାକାଳୀ ବିଦ୍ୟାଳୟ ଛାତ୍ରଛାତ୍ରୀ ୬୨ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କଲେ





ମହାକାଳପଡ଼ା, ୫ ।୧୨(ସମିସ): ମହାକାଳପଡ଼ା ବ୍ଲକ ଧନିଆପଡ଼ା ବଜ୍ରମହାକାଳୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସ୍କାଉଟ ଗାଇଡ୍ ଛାତ୍ରଛାତ୍ରୀ ୬୨ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ପୁରସ୍କୃତ ହୋଇଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ସ୍କାଉଟ ଗାଇଡର ୧୩ତମ କ୍ୟାମ୍ପୋରୀ ୪ ଦିନ ଧରି ଆୟୋଜିତ ହୋଇଥିବା ବେଳେ ଉଦ୍‌ଯାପନୀ ଦିବସରେ ଫୁ ଭିଲ୍ଲା ପ୍ରତିଯୋଗିତା ହୋଇଥିଲା । ଏଥିରେ ଅଂଶଗ୍ରହଣ କରି ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ୬୨ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ ବୋଲି କହିଛନ୍ତି ମହାକାଳପଡ଼ା ବ୍ଲକ ନୋଡାଲ ପ୍ରଧାନ ଶିକ୍ଷକ ରଘୁନାଥ ଦାସ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମ ରାଜନଗର ବ୍ଲକ ନାଗ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ମହାକାଳପଡ଼ା ବ୍ଲକ ଶିକ୍ଷାଧିକାରୀ ତନ୍ମୟ ବେଉରା, ସ୍କାଉଟ ଶିକ୍ଷକ ଜ୍ୟୋତିର୍ମୟ ନାୟକ, ଗାଇଡ୍ କ୍ୟାପଟେନ ସୁଜାତା ମଲିକ, ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଭିନ୍ନକ୍ଷମ ବିଦ୍ୟାଳୟ ଅଧ୍ୟକ୍ଷ ସମ୍ମାନିତ

କେନ୍ଦ୍ରାପଡ଼ା, ୫ ।୧୨(ସମିସ): ନିମାଇଁ ଚରଣ ମାନସିକ ଅନଗ୍ରସର ବିଦ୍ୟାଳୟର ଅଧ୍ୟକ୍ଷ ସ୍ୱପ୍ନାଂଶୁ ଦାସ ରାଜ୍ୟ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଅତିଥି ଭାବେ ଯୋଗ ଦେଇଥିବା କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପିତାମ୍ବର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଅନିତା ପଟ୍ଟନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କଠାରୁ ସେ ଏହି ସମ୍ମାନ ଗ୍ରହଣ କରିଥିଲେ ।

## ରେଡ୍‌କ୍ରସ୍ ପକ୍ଷରୁ ବିପନ୍ନ ପରିବାରକୁ ସହାୟତା



ରାଜନଗର, ୫ ।୧୨(ସମିସ): ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଡୋଳମରା ଗ୍ରାମର ସଞ୍ଜୟ ରାଉତ ଦୀର୍ଘଦିନ ଧରି କିଡନୀ ରୋଗରେ ଆକ୍ରାନ୍ତ ହୋଇ ଆଖି ବୁଜିଛନ୍ତି । ସେହିପରି ଏହି ପଞ୍ଚାୟତର ଯଦୁଚନ୍ଦ୍ରପୁରର ସତ୍ୟବ୍ରତ ଚଣ୍ଡଙ୍କ ମଧ୍ୟ ମୃତ୍ୟୁ ଘଟିଛି । ଏହି ଖବର ପାଇ ରାଜନଗର ବିଧାୟକ ଧ୍ରୁବ ସାହୁ ସ୍ୱର୍ଗତ ରାଉତ ଏବଂ ସ୍ୱର୍ଗତ ଚଣ୍ଡଙ୍କ ଅସହାୟ ପରିବାରକୁ ଭେଟି ସମବେଦନା ଜଣାଇବା ସହ ରେଡକ୍ରସ ପାଣ୍ଠିରୁ ସହାୟତା ଯୋଗାଇ ଦେବା ପାଇଁ ଜିଲ୍ଲାପାଳଙ୍କୁ ଜଣାଇଥିଲେ । ଶେଷରେ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ଯୁବନେତା ସରୋଜ ରାଉତ, କାହ୍ନୁ ଚରଣ ଚଣ୍ଡ ପ୍ରମୁଖ ଉଭୟ ପରିବାରଙ୍କ ନିକଟରେ ପହଞ୍ଚି ସହାୟତା ରାଶି ବାବଦ ୨୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବା ସହିତ ବିଧାୟକ ଶ୍ରୀ ସାହୁ ଏବଂ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ୧୭ରେ ରାଷ୍ଟ୍ରବାଦୀ କବିତା ମହୋତ୍ସବ



କେନ୍ଦ୍ରାପଡ଼ା, ୫ ।୧୨(ସମିସ): ସାମାଜିକ ଅନୁଷ୍ଠାନ ଜୟ ରାଷ୍ଟ୍ର ପକ୍ଷରୁ ଆସନ୍ତା ୧୭ ତାରିଖରେ କେନ୍ଦ୍ରାପଡ଼ାରେ ରାଷ୍ଟ୍ରବାଦୀ କବିତା ମହୋତ୍ସବ -୨୦୨୩ ଅନୁଷ୍ଠିତ ହେବ । ସ୍ଥାନୀୟ ପବ୍ଲିକ୍ ରିଡିଂ ରୁମ୍‌ରେ ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ମହୋତ୍ସବ ସମ୍ପର୍କରେ ଆଲୋଚନା ହେବା ସହ ବିଭିନ୍ନ ନିଷ୍ପତ୍ତି ନିଆଯାଇଛି । କବିତା ମହୋତ୍ସବରେ ରାଜ୍ୟର ବିଭିନ୍ନ ସ୍ଥାନରୁ ନବୀନ ତଥା ପ୍ରବୀଣ କବି ଯୋଗଦେଇ ଦେଶାତ୍ମବୋଧକ କବିତା ପାଠ କରିବେ । ଚଳିତ ବର୍ଷ କବିତା ମହୋତ୍ସବରେ ବିଶିଷ୍ଟ କବି ଡକ୍ଟର ଅପର୍ଣ୍ଣା ମହାନ୍ତି ଓ ଲେଖିକା ତଥା ସମ୍ବାଦ ପାଠିକା ଡକ୍ଟର ସ୍ନେହଲତା ମିଶ୍ର ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏଥିରେ କବି ତଥା ଅନୁବାଦିକା ନବଜ୍ୟୋତି ରାୟ ଅଧ୍ୟକ୍ଷତା କରିବେ । ଚଳିତ ବର୍ଷ ସଂସଦରେ ମହିଳା ସଂରକ୍ଷଣ ବିଲ୍ ଗୃହୀତ ହେବା ଏବଂ ଚନ୍ଦ୍ର ଯାନ-୩ ପ୍ରେରଣରେ ମହିଳାମାନଙ୍କ ଭୂମିକାକୁ ସମ୍ମାନ ଜଣାଇ କବିତା ମହୋତ୍ସବର ମଞ୍ଚକୁ ମହିଳା ମଞ୍ଚ ଭାବେ ଘୋଷଣା କରାଯାଇଛି ।

ଏହି କବିତା ମହୋତ୍ସବରେ କବି ବନ୍ଦନା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଅଧ୍ୟାପକ ବୃନ୍ଦାବନ ଦାସଙ୍କ ଅଧ୍ୟକ୍ଷତାରେ ଅୟୋଜିତ ପ୍ରସ୍ତୁତି ବୈଠକରେ ଅନୁଷ୍ଠାନର ସମ୍ପାଦକ ପଙ୍କଜ ସିହ୍ନା, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିରେନ୍ଦ୍ର ଦାସ, ରଶ୍ମିରଞ୍ଜନ ସ୍ୱାଇଁ, ମଳୟ ସାହୁ, ସୁଶାନ୍ତ ବେହେରା, ସନ୍ତୋଷ ପୋଥାଳ, ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ‘ଦେଶ ଗଠନରେ ଛାତ୍ରଛାତ୍ରୀଙ୍କ ଭୂମିକା ଅତୁଳନୀୟ’



ଗରଦପୁର, ୫ ।୧୨(ସମିସ): କୋରୁଆରେସ୍ଥିତ ଚିତ୍ରୋତ୍ପଳା ମହିଳା ସ୍ନାତକ ମହାବିଦ୍ୟାଳୟ ନୂଆ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦେଶ ଗଠନରେ ଛାତ୍ରଛାତ୍ରୀଙ୍କ ଭୂମିକା ଅତୁଳନୀୟ ବୋଲି, ଥିରେ ମତ ପ୍ରକାଶ ପାଇଛି । ଅଧ୍ୟାପକ ଅନାଦି ଚରଣ ବେହୁରାଙ୍କ ସଂଯୋଜନାରେ ଅବସରପ୍ରାପ୍ତ ପ୍ରଫେସର ଅଜୟ ରାଉତ, ସରପଞ୍ଚ ଅମୀୟ ଜେନା, ପରିବେଶବିତ୍ ସନ୍ତୋଷ ଜେନା ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ ଦେବବ୍ରତ, ଅଧ୍ୟାପକ ନିର୍ମଳେନ୍ଦ୍ରେ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ଜୟନ୍ତ ସାହୁ, ଅଧ୍ୟାପିକା ତୁଳସୀ ନାୟକ, ଅଧ୍ୟାପକ ବିଭୂତି ଭୂଷଣ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ ।

### ପଞ୍ଚାୟତସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ମାଷ୍ଟର ମାଇଣ୍ଡ ଚାମ୍ପିଅନ

ପଞ୍ଚୁପାଣ୍ଡବ, ୫।୧୨(ସମିସ): ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ମନ୍ତ୍ରୀପଡ଼ାରେ ପଞ୍ଚାୟତସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୪ଟି ଦଳ ଅଂଶ ଗ୍ରହଣ କରିଥିଲେ । ରାଇଜିଂ ଷ୍ଟାର କ୍ରିକେଟ୍ କ୍ଲବ୍ ଓ ମାଷ୍ଟର ମାଇଣ୍ଡ କ୍ରିକେଟ୍ କ୍ଲବ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ମାଷ୍ଟର ମାଇଣ୍ଡ ଟିମ୍ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା ।



ଟିମ୍ ୧୨ ଓଭର ବୋଲି କରି ରାଇଜିଂ ଷ୍ଟାର ଟିମ୍‌କୁ ୭୫ ରନ୍ ଦେଇଥିବା ବେଳେ ୮ଟି ୱିକେଟ୍ ହାସଲ କରିଥିଲା । ଦ୍ୱିତୀୟ ଇନଂସ୍‌ରେ ମାଷ୍ଟର ମାଇଣ୍ଡ ବ୍ୟାଟିଂ କରି ୧୦ ଓଭରରେ ୬ ୱିକେଟ୍ ହରାଇ ୭୬ ରନ୍ କରି ଇନିଂସ ବିଜୟ ଲାଭ କରିଥିଲା ।

ଶିକ୍ଷାବିତ୍ ହୃଷିକେଶ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ କୁରୁଜଙ୍ଗା ସରପଞ୍ଚଙ୍କ ପ୍ରତିନିଧି ସତ୍ୟରଞ୍ଜନ ସାମଲ ଓ ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇ ବିଜେତା ମାଷ୍ଟର ମାଇଣ୍ଡ ଟିମ୍‌କୁ ଚାମ୍ପିଅନ୍ ଟ୍ରଫି ଓ ରନର୍ସ ଅପ୍ ରାଇଜଂ ଷ୍ଟାର କ୍ରିକେଟ୍ କ୍ଲବକୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ ।

ଆଲୋକ ଜ୍ୟୋତି ମହାନ୍ତିଙ୍କୁ ଅତିଥିମାନେ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ପୁରସ୍କୃତ କରିଥିଲେ । ଏହି ସଭାରେ ଶୁଭ୍ରଜିତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଦେବାଶିଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅମ୍ପାୟାର ଭାବେ ବିଶ୍ୱଜିତ ମହାନ୍ତି, ଜ୍ୟୋତିପ୍ରକାଶ ମହାନ୍ତି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ । ଏହି ଟୁର୍ଣ୍ଣାମେଞ୍ଚ ପରିଚାଳନରେ ହେମନ୍ତ ମହାନ୍ତି, ପ୍ରୀତିସ୍ୱରୂପ ଦାସ, ଦେବତୀର୍ଥ ବିଶ୍ୱାଳ, ସିଦ୍ଧାର୍ଥ ମହାନ୍ତି, ସତ୍ୟଜିତ ମହାନ୍ତି, ଧରଣୀଧର ବିଶ୍ୱାଳ, ଦେବାଶିଷ ଦାସ ପ୍ରମୁଖ ସହଯୋଗ କରିଥିଲେ ।

# ପ୍ଲାଷ୍ଟିକ୍, ପଲିଥିନମୁକ୍ତ ହେବ ଭିତରକନିକା

ରାଜନଗର, ୫ ।୧୨(ସମିସ): ପ୍ରକୃତିର ଗନ୍ତାଘର ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ବସବାସ କରୁଥିବା ବନ୍ୟପ୍ରାଣି ଜୀବଜନ୍ତୁଙ୍କ ପାଇଁ ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀ ମୃତ୍ୟୁର ସୌଦାଗର ପାଲଟିଛି । ଜୀବଜନ୍ତୁଙ୍କ ଜୀବନ ରକ୍ଷା ପାଇଁ ରାଜନଗର ବନ ବିଭାଗ ପକ୍ଷରୁ ଆଗନ୍ତୁକ ପର୍ଯ୍ୟଟକଙ୍କ ପାଇଁ ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ଜାତୀୟ ଉଦ୍ୟାନ ଭିତରେ ବିକ୍ଷିପ୍ତ ଭାବେ ପର୍ଯ୍ୟଟକ ବ୍ୟବହାର କରୁଥିବା ପଲିଥିନ ଓ ପ୍ଲାଷ୍ଟିକ ବୋତଲ ଯୋଗୁଁ ବନ୍ୟଜୀବଙ୍କ ପାଇଁ ବିପଦ ଦେଖା ଦେଉଛି । ଜାତୀୟ ଉଦ୍ୟାନର ନଦୀ ନାଳରେ ପର୍ଯ୍ୟଟକଙ୍କ ଦ୍ୱାରା ଫିଙ୍ଗା ଯାଉଥିବା ପ୍ଲାଷ୍ଟିକ ସାମଗ୍ରୀକୁ ଜୀବଜନ୍ତୁ ଖାଇବା ଦ୍ୱାରା ସେମାନେ ମୃତ୍ୟୁ ମୁଖରେ ପଡୁଛନ୍ତି । ପଲିଥିନ ଓ ପ୍ଲାଷ୍ଟିକ ପାଣି ବୋତଲ ନ ନେବା ପାଇଁ ପର୍ଯ୍ୟଟକଙ୍କୁ ବନ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ସଚେତନ କରାଯାଛି । ତାହା କିନ୍ତୁ ଫଳପ୍ରଦ ହେଉନି । ଏଣୁ ଅକ୍ଟୋବରରେ ଭିତରକନିକା ଇକୋ ଟୁରିଜିମ ଆଣ୍ଡ ଇକୋ ଡେଭଲପମେଣ୍ଟ ସୋସାଇଟି ବୈଠକରେ ଜାତୀୟ ଉଦ୍ୟାନ ମଧ୍ୟକୁ ପଲିଥିନ ଓ ପ୍ଲାଷ୍ଟିକ ପ୍ରବେଶ ଉପରେ ରୋକ ଲଗାଇବା ପାଇଁ ନିଷ୍ପତ୍ତି ହୋଇଥିଲା । ଭିତରକନିକା ଜାତୀୟ ଉଦ୍ୟାନର ପ୍ରବେଶ ପଥ ଡାଙ୍ଗମାଳ, ଖୋଳା ଓ ଗୁପ୍ତି ପ୍ରବେଶ ପଥରେ ଲୋକଙ୍କୁ ସଚେତନ କରାଯିବା ସହ ପ୍ଲାଷ୍ଟିକ ପାଣିବୋତଲ ପିଛା ପର୍ଯ୍ୟଟକଙ୍କଠାରୁ ୫୦ ଟଙ୍କା ଲେଖାଏଁ ରଖାଯିବ । ବୋତଲ ଫେରାଇଲେ ଏହି ଅର୍ଥ ଫେରସ୍ତ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ଏଥିପାଇଁ ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ଏକ ଟୋକନ ପ୍ରସ୍ତୁତ କରାଯାଇଛି । ଆଜିଠାରୁ ଗୁପ୍ତିରେ ଆରମ୍ଭ ହୋଇଥିବା ଏହି ପକ୍ରିୟାରେ ପର୍ଯ୍ୟଟକମାନେ ବୋଟ୍‌ରେ ଯିବା ପାଇଁ ସେମାନଙ୍କ ପ୍ରବେଶ ଅନୁମତି କାଟିବା ବେଳେ ସେମାନେ କେତୋଟି ପାଣିବୋତଲ ନେଉଛନ୍ତି ସେ ନେଇ ତନଖି କରାଯିବା ସହ ପ୍ରତି ବୋତଲ ପିଛା ଗୋଟିଏ ଲେଖାଏଁ ଟୋକନ ଦିଆଯାଇ ୫୦ ଟଙ୍କା ଲେଖାଏଁ ରଖାଯାଉଛି । ପର୍ଯ୍ୟଟକମାନେ ଏହି ପାଣି ବୋତଲକୁ ଫେରିବା ବେଳେ ଗୁପ୍ତିରେ କିମ୍ବା ଅନ୍ୟ ଦୁଇଟି ପ୍ରବେଶ ପଥରେ ପ୍ରବେଶ ଅନୁମତି କାଗଜ ଦେଖାଇ ବୋତଲ ଓ ଟୋକନ ଫେରାଇଲେ ସେମାନେ ସେମାନଙ୍କ ଟଙ୍କା ଫେରି ପାଇପାରିବାର ବ୍ୟବସ୍ଥା ହୋଇଛି । ଏପରିକି ପ୍ରତ୍ୟେକ ବୋଟ୍‌ରେ ଡଷ୍ଟବିନ ରଖିବାର ବ୍ୟବସ୍ଥା ହୋଇଛି । ପଲିଥିନ ବଦଳରେ କାଗଜ ଓ କପଡ଼ା ବ୍ୟାଗ ବ୍ୟବହାର କରିବାକୁ ପର୍ଯ୍ୟଟକଙ୍କୁ ବନ କର୍ମଚାରୀ ସଚେତନ କରୁଛନ୍ତି । ସମ୍ପୂର୍ଣ୍ଣ ନନ୍ଦନକାନନ ଢାଞ୍ଚାରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଛି ।

### ବନ ବିଭାଗ ପକ୍ଷରୁ ପର୍ଯ୍ୟଟକଙ୍କ ପାଇଁ ଅଭିନବ ପ୍ରୟାସ



## ଭାରତ ବିକାଶ ରଥକୁ କାଣ୍ଡସରରେ ସ୍ୱାଗତ



**ଅନୁଗୋଳ, ୫।୧୨(ସମିସ):** ଭାରତ ସରକାରଙ୍କ 'ଆମ ସଂକଳ୍ପ, ଭାରତ ବିକାଶ' ରଥ ପରିକ୍ରମା ମଙ୍ଗଳବାର ନାଲକୋରେ ପହଞ୍ଚିଥିଲା। ରଥରେ ସାଧାରଣ ଲୋକଙ୍କ ପାଇଁ ସରକାରଙ୍କ ଆଭିମୁଖ୍ୟ ତଥା ଉନ୍ନୟନ ଯୋଜନା ଗୁଡିକର ପ୍ରଚାର ପତ୍ର ସ୍ଥାନିତ ହୋଇଥିଲା। ସମସ୍ତଙ୍କୁ ପକ୍କା ଘର, କେହି ଭୋକିଲା ରହିବେ ନାହିଁ, ଚାଷୀଙ୍କୁ ପ୍ରତିବର୍ଷ ୬ହଜାର, ଭାରତ ଆୟୁଷମାନ ଭବ, ନଳରୁ ଜଳ ପ୍ରଭୃତି ଯୋଜନା ଗୁଡିକ ଟିଭି ସ୍କ୍ରିନ ମାଧ୍ୟମରେ ପ୍ରଦର୍ଶନ ହୋଇଥିଲା। ୫୫ନଂ ଜାତୀୟ ରାଜପଥରେ କାଣ୍ଡସରଠାରେ ଏହି ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାଣ୍ଡସର ଗ୍ରାମ ପଞ୍ଚାୟତ ସରପଞ୍ଚ ସବିତା ମହାଲିକ, ନାଏବସ ରପଞ୍ଚ ନଗେନ୍ ପ୍ରଧାନଙ୍କ ନେତୃତ୍ୱରେ ଏମବିକେ ପଦ୍ମିନୀ ପ୍ରଧାନ, ସିଆରପି ସୁଷମା ସାହୁ, ସଭାନେତ୍ରୀ ସୁଷମା ନାୟକ, ଅଙ୍ଗନବାଡ଼ି କର୍ମୀ ଜୟଶ୍ରୀ ସାହୁ, ଆଶାକର୍ମୀ ରେଖା ରାଉତ ପଦ୍ମିନୀ ସାହୁ, ପ୍ରତିମା ସାହୁ, ଜିଆରଏସ ବିନୟ ସାହୁ, ପଞ୍ଚାୟତ ସମ୍ପାଦକ ଫୁଲେଶ୍ୱରୀ ନାୟକ, ଏସ୍ଏଚଜି ମହିଳାମାନେ ନାମ ସଂକୀର୍ତ୍ତନ ସହିତ ରଥକୁ ବନ୍ଦାପଣା କରିଥିଲେ।

## ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସଂସଦରେ ପ୍ରଶ୍ନ ଉଠାଇଲେ ସାଂସଦ

**ଢେଙ୍କାନାଳ, ୫।୧୨(ସମିସ):** ଚଳିତ ଲୋକସଭାର ଶୀତକାଳୀନ ଅଧିବେଶନର ଦ୍ୱିତୀୟ ଦିବସରେ ଢେଙ୍କାନାଳ ସାଂସଦ ମହେଶ ସାହୁ ସଂସଦର ପ୍ରଶ୍ନକାଳ ୩୭୭ ଧାରା ଅନୁଯାୟୀ ଲୋକସଭା ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଯାଇ ପ୍ରଶ୍ନ ରଖିଥିଲେ ଯେ, ଢେଙ୍କାନାଳ ସଂସଦୀୟ କ୍ଷେତ୍ର ତଥା ଏସିଆ ମହାଦେଶର ଦ୍ୱିତୀୟ ସର୍ବବୃହତ କୋଇଲା ଖଣିରୁ କେନ୍ଦ୍ର ସରକାର କୋଇଲା ଉତ୍ତୋଳନ କରୁଛନ୍ତି। କୋଇଲା ଉତ୍ତୋଳନ ପାଇଁ ମହାନଦୀ କୋଲ୍ ମାଇନ୍ସ ସହିତ ଚୁକ୍ତି ହୋଇଛି। କେନ୍ଦ୍ର ସରକାରଙ୍କର ଓପନ୍ ମାଇନ୍ସ ହେବା ଫଳରେ ଖଣି ଖୋଲିବାକୁ ହେଲେ ପ୍ରଥମେ ଉପରମାଟିକୁ କାଟି ଗୋଟିଏ ସ୍ଥାନରେ ଗଦା କରୁଛନ୍ତି, ତାହା ପାହାଡ ସଦୃଶ ହୋଇଗଲାଣି। ଏହି ମାଟି ସମତଳ ନକରିବା ଫଳରେ ଧିରେ ଧିରେ ଧୂଳି ଉଡି ବାୟୁ ପ୍ରଦୂଷଣ ଓ ଜଳ ପ୍ରଦୂଷଣ ହେଉଛି। କେନ୍ଦ୍ର ସରକାର କୋଇଲା ଉତ୍ତୋଳନ କରି ରାଜସ୍ୱ ଲାଭ କରୁଛନ୍ତି। କିନ୍ତୁ ଅଞ୍ଚଳବାସୀ ଜଳବାୟୁ ପ୍ରଦୂଷଣ ହେବା ଫଳରେ ବିଭିନ୍ନ ରୋଗାକ୍ରାନ୍ତ ହୋଇ ଧନଜୀବନ ହାନୀ ହେବା ସହିତ ଅକାଳ ମୃତ୍ୟୁର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ର ସରକାର ଖଣିକୁ ଲିଜ୍ ଦେଲା ବେଳେ ମହାନଦୀ କୋଲ ମାଇନ୍ସ ସହିତ ଯେଉଁ ଚୁକ୍ତି କରିଥିଲେ, ସେହି ଚୁକ୍ତିକୁ ମହାନଦୀ କୋଲ୍ ମାଇନ୍ସସ ମାନୁ ନାହାଁନ୍ତି। ଚୁକ୍ତି ମୁତାବକ ଉପର ମାଟିକୁ ଯେଉଁ ସ୍ଥାନରେ ଗଦା କରିବେ ପରେ ଉକ୍ତ ମାଟିକୁ ସମତଳ କରି ଜନବସତି ସ୍ଥାପନ କରିବା ସହିତ ବୃକ୍ଷ ରୋପଣ କରି ଜଙ୍ଗଲ ସୃଷ୍ଟି କରିବା ଉଚିତ୍। ମାତ୍ର ତାହା ମହାନଦୀ କୋଲ ମାଇନ୍ସ କରୁନାହିଁ। କେବଳ କୋଇଲା ଉତ୍ତୋଳନ କରି କେନ୍ଦ୍ର ସରକାରଙ୍କର ରାଜସ୍ୱ ବୃଦ୍ଧି ସହିତ ପରିବେଶ ପ୍ରଦୂଷଣ କରୁଛି। ଯାହାଦ୍ୱାର ଜନସାଧାରଣଙ୍କର ଧନଜୀବନ ହାନୀ ଘଟୁଛି। ଏଣୁ ବାଚସ୍ପତିଙ୍କ ଜରିଆରେ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ କି, ବିଭାଗୀୟ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ ଗଦା ହୋଇଥିବା ମାଟିକୁ ସମତଳ କରାଯାଇ ବୃକ୍ଷରୋପଣ କରି ଜଙ୍ଗଲ ସୃଷ୍ଟି ଓ ଜନବସତି ସ୍ଥାପନ କରନ୍ତୁ ବୋଲି ସାଂସଦଙ୍କ ବ୍ୟକ୍ତିଗତ ସଚିବ ମାତୃ ପ୍ରସାଦ ମିଶ୍ର ପ୍ରକାଶ କରିଛନ୍ତି।

## ଦିଗବଳୟ ସଂଗଠନର ସାଂସ୍କୃତିକ କାର୍ଯ୍ୟକ୍ରମ



**କିଶୋରନଗର, ୫।୧୨(ସମିସ):** କିଶୋରନଗର ବ୍ଲକର ଜଏରାଟ ଗ୍ରାମରେ ରାସଯାତ୍ରା ଉପଲକ୍ଷେ ଦିଗବଳୟ ସାଂସ୍କୃତିକ ମଞ୍ଚ ପକ୍ଷରୁ କୁନିକୁନି କଳାକାରମାନଙ୍କୁ ନେଇ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁନି କଳାକାରଙ୍କ ଚିତ୍ତାକର୍ଷକ ନୃତ୍ୟ ସଙ୍ଗୀତ ପରିବେଷଣ ସମସ୍ତ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ଏଥିରେ ଜଏରାଟ ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ 'ବାଜିରାଉତ' ଗିତିନାଟ୍ୟ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା। ଯୁବ କବି ତଥା ଅଧ୍ୟାପକ କୁଳମଣି ମେହେର ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟାରେ ମଞ୍ଚର ଆବାହକ ଚିତ୍ତରଞ୍ଜନ ମେଣ୍ଡୁଲୀ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ, ତ୍ରୈଲୋକ୍ୟ ପ୍ରଧାନ, ପବିତ୍ର ପ୍ରଧାନ, ବିଭୂଦତ୍ତ ପ୍ରଧାନ, ପୂର୍ବତନ ସରପଞ୍ଚ ରମଣୀ ରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ସତୀଶ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ଅଗସ୍ତି କୁମାର ସାହୁ ସହଯୋଗ କରିଥିଲେ।

**ବହଲର ଗାଁରୁ ମେଲାଣି ନେଲେ କାର୍ତ୍ତିକେଶ୍ୱର**

# ଆଞ୍ଜାଲଡୁକୁ ୬୦ ହଜାର ଦେଇ ନେଲେ ସପ୍ତଋଷି ମଣ୍ଡଳ

**ତାଳଚେର, ୫।୧୨(ସମିସ)**

ତାଳଚେର ବ୍ଲକ ବନ୍ତୁଲ ପଞ୍ଚାୟତ ଅନ୍ତର୍ଗତ ବହଲର ଉପରସାହି ଓ ତଳ ସାହିରେ ବଡ ଧୂମଧାମରେ ପୂଜା ପରେ ପ୍ରଭୁ କାର୍ତ୍ତିକେଶ୍ୱରଙ୍କୁ ବିଦାୟ ଦିଆଯାଇଛି। ଗାଁ ତଳ ସାହି ଓ ଉପର ସାହିରେ ରାଧାକୃଷ୍ଣଙ୍କ ମୂର୍ତ୍ତି ପୂଜା ପାଉଥିଲେ। କମିଟି ପକ୍ଷରୁ ଭସାଣି ଉତ୍ସବରେ ରଙ୍ଗ ବେରଙ୍ଗ ଆଲୋକମାଳା ସହିତ ତୋରଣ ନିର୍ମାଣ ହୋଇଥିଲା। ସବୁ ବର୍ଷ ପରି ଏବର୍ଷ ମଧ୍ୟ ପାଟପଟୁଆର ଓ ବିଭିନ୍ନ ପ୍ରକାର ପାରମ୍ପରିକ ନାଚଗୀତରେ ଗାଁ ପ୍ରକମ୍ପିତ ହୋଇ ଉଠିଥିଲା। ଏହି ଭସାଣି ଉତ୍ସବ ବହଲର ଗାଁ ଭିତରୁ ବହଲର ଛକ ପର୍ଯ୍ୟନ୍ତ କରାଯାଉଥିଲା। ଭସାଣି ପୂର୍ବରୁ ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ଆଞ୍ଜାଲଡୁ ନିଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗାଁ ସଭାପତି ଆଦିତ୍ୟ ବଳ ସାମ୍ବାଦିକ ସୁଧୀର ରଞ୍ଜନ ବଳ ଯୋଗଦେଇଥିଲେ। ଲଡୁ ନିଲାମରେ ସର୍ବାଧିକ ସପ୍ତଶ୍ରୀ ମଣ୍ଡଳ ୬୦, ୦୦୦ଟଙ୍କା ମୂଲ୍ୟରେ ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ଆଞ୍ଜା ଲଡୁକୁ ନେଇଥିଲେ। ଏହି ଭସାଣି କାର୍ଯ୍ୟକ୍ରମରେ ହାପିବଳ ବଳ, ଡିଲ ବଳ, ଲିପୁନ ବଳ, ପିଣ୍ଟୁ ପଟ୍ଟନାୟକ, କୁନା ଭୁକ୍ତା, ଅଭି ଭୁକ୍ତା, ରନି ବଳ ରାଜା ଭୁକ୍ତା, ଚିନୁ ବଳ, ରାଜା ବଳ, ରଞ୍ଜନ ଭୁକ୍ତା ପ୍ରଭୃତି ସହଯୋଗ କରିଥିଲେ।



## ଲଘୁଚାପ ବର୍ଷା ଆଶଙ୍କା, ଚିନ୍ତାରେ ଧାନଚାଷୀ

**ଭୁବନ, ୫।୧୨(ସମିସ):** ଲଘୁଚାପ ପ୍ରଭାବରେ ଗତ ଦୁଇଦିନ ହେଲା ଭୁବନ ବ୍ଲକ ଅଞ୍ଚଳରେ ପାଗ କୋହଳ ସାଙ୍ଗକୁ ଆକାଶ ମେଘାଚ୍ଛନ୍ନ ରହିବା ସହ ସୋମବାର ରାତି ଓ ମଙ୍ଗଳବାର ସକାଳ ଝିପିଝିପି ବର୍ଷା ହୋଇଛି। ପାଣିପାଗ ବିଭାଗ ପକ୍ଷରୁ ନିଶ୍ଚିନ୍ତ ବର୍ଷା ହେବା ନେଇ ଘୋଷଣା କରାଯାଇଛି। ପାଣିପାଗ ସୂଚନା ଅନୁଯାୟୀ ସୋମବାର ଢେଙ୍କାନାଳ ଜିଲ୍ଲା କୃଷି ବିଭାଗ ପକ୍ଷରୁ ବର୍ଷା ଆଶଙ୍କା ଥିବାରୁ ଏହି ସମୟରେ ଧାନ କାଟିବା ବନ୍ଦ କରିବା ସହ କାଟୁଥିବା ଧାନକୁ ଘରକୁ ଆଣି ସୁରକ୍ଷିତ ପାଲ ଘୋଡାଇ ରଖିବାକୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଗାଁ ଗାଁ ବୁଲି ଚାଷୀଙ୍କୁ ସଚେତନ କରାଯାଇଛି। ଏବେ ଧାନସବୁ ପାଚି ଶୁଖି ଆସୁଥିବା ବେଳେ ବର୍ଷା ହେଲେ ଧାନଗଛ ଜମିରେ ଶୋଇଯାଇ ଅମଳ ହ୍ରାସ ହେବ ବୋଲି ଚାଷୀ କହିଛନ୍ତି। ଫସଲ ଅମଳ ସମୟରେ ଲଘୁଚାପଜନିତ ବର୍ଷା ଆଶଙ୍କାକୁ ନେଇ ଚାଷୀକୂଳ ଚିନ୍ତାରେ ପଡ଼ିଛନ୍ତି। କିଛି ଚାଷୀ ଧାନ କାଟି ଅମଳ କରିସାରିଥିବା ବେଳେ କିଛି ଚାଷୀ ବର୍ଷା ଆଶଙ୍କାରେ କାଟିଥିବା ଧାନକୁ ଆଣି ସୁରକ୍ଷିତ ସ୍ଥାନରେ ପାଲ ଘୋଡାଇ ରଖିଥିବା ଜଣାପଡ଼ିଛି।

## ଭଣେଶ୍ୱରୀ ହାଇସ୍କୁଲରେ ସ୍ୱାସ୍ଥ୍ୟ ଶିବିର



**କଣିହାଁ, ୫।୧୨(ସିମିସି):** କଣିହାଁ ବ୍ଲକ ଭଣେଶ୍ୱରୀ ହାଇସ୍କୁଲ ଡେରଙ୍ଗଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ପ୍ରତାପ କୁମାର ପାଣି ଶିବିରରେ ଯୋଗଦେଇ ୧୫୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିବା ସହିତ ଶରୀରକୁ କିପରି ସୁସ୍ଥ ରଖିବେ ସେ ନେଇ ପରାମର୍ଶ ଦେଇଥିଲେ। ଡାକ୍ତର ଶ୍ରୀ ପାଣି ସ୍ନାୟୁ ଓ ମେରୁହାଡର ମୁଖ୍ୟ ଶଲ୍ୟ ଚିକିତ୍ସକ ଭାବରେ କାର୍ଯ୍ୟ କରି ବିଶେଷ ସୁନାମ ଅର୍ଜନ କରିଛନ୍ତି। ଶ୍ରୀ ପାଣି ଏପରି ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିବାରୁ ଅଞ୍ଚଳରେ ବିଭିନ୍ନ ମହଲରେ ବେଶ୍ ପ୍ରଶଂସା କରାଯାଇଛି। ଏହି ସ୍ୱାସ୍ଥ୍ୟ ଶିବିରରେ ଅବସରପ୍ରାପ୍ତ ଶିକ୍ଷକ ଦିଲିପ ପ୍ରଧାନ, କୁଳମଣି ସାମଲ, ଭଣେଶ୍ୱରୀ ହାଇସ୍କୁଲର ପ୍ରଧାନଶିକ୍ଷକ ଓ ଅନ୍ୟ ସହକାରୀ ଶିକ୍ଷକ, ସ୍ଥାନୀୟ ବୁଦ୍ଧିଜୀବୀ, ସମାଜସେବୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## କଣିହାଁ ବ୍ଲକ ଅଞ୍ଚଳରେ ହାତୀ ଆତଙ୍କ

**କଣିହାଁ, ୫।୧୨(ସମିସ):** କଣିହାଁ ବ୍ଲକ ଅଞ୍ଚଳରେ ଦୀର୍ଘ ଦିନ ହେଲା ହାତୀପଲ ରହିଥିବା ବେଳେ ବାଟବଣା ହୋଇ ବାହ୍ୟ ଅଞ୍ଚଳକୁ ଯାଇପାରୁ ନାହାନ୍ତି। ଏହି କ୍ଷେତ୍ରରେ ବନବିଭାଗ ତରଫରୁ ସୀମାଞ୍ଚଳରେ ହାତୀ ଘଉଡାଇବା କାର୍ଯ୍ୟ ହାତୀଙ୍କ ଚଲାପଥରେ ବାଧକ ସାଜିଥିବା ବନ୍ୟ ପ୍ରେମୀ କହିଛନ୍ତି। ସୂଚାନାରୁ ଜଣାଯାଏ କଣିହାଁ ବ୍ଲକ ହନୁମାନପୁର ବନପାଳ ଅଧୀନରେ ଥିବା ସଂରକ୍ଷିତ ଜଙ୍ଗଲରେ ହାତୀପଲ ରହିଛନ୍ତି। ମଙ୍ଗଳବାର ୬ଟି ହାତୀ ଟାକୁଆ ଗ୍ରାମଦେଇ ଏନଟିପିସି ପାଉଁଶ ପୋଖରିକୁ ଆସିଥିଲେ ଓ ସେଠାରେ କାର୍ଯ୍ୟରତ କର୍ମଚାରୀମାନେ ଭୟଭିତ ହୋଇ ଘଉଡାଇବା ସହିତ ବନ ବିଭାଗକୁ ଜଣାଇଥିଲେ। ଏନେଇ କଣିହାଁ ବନାଞ୍ଚଳ ଅଧିକାରୀ ତଥା ସହକାରୀ ବନ ସଂରକ୍ଷକ ନୀଳମଣି ଦେହୁରୀଙ୍କୁ ପଚାରିବାରୁ କହିଥିଲେ ହାତୀ ଆସିଥିଲେ ତାଙ୍କୁ ଘଉଡାଯାଇଛି।

## ଗାଡ଼ି ପାର୍କିଂକୁ ନେଇ ସିକ୍ୟୁରିଟି ଓ ଯୁବକ ମୁହାଁମୁହିଁ

**ଅନୁଗୋଳ, ୫।୧୨(ସମିସ):** ଆଜି ଅପରାହ୍ନ ୪ଟା ବେଳେ ଅନୁଗୋଳ ଡାକ୍ତରଖାନା ପରିସରରେ ସିକ୍ୟୁରିଟି ଓ ସ୍ଥାନୀୟ କିଛି ଯୁବକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଗୋଟିଏ ବସ୍ତିର ଦୁଇଜଣ ଯୁବକ ଦେହ ଦେଖାଇବାକୁ ଅନୁଗୋଳ ଡାକ୍ତରଖାନା ଆସିଥିଲେ। ସେମାନେ ବାଇକ୍‌ଟିକୁ ଯେଉଁ ସ୍ଥାନରେ ରଖିଥିଲେ, ତାକୁ ନେଇ ସିକ୍ୟୁରିଟି ଆପତ୍ତି ଉଠାଇଥିଲେ। ଏଇ କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ଘଟିଥିଲା। ଏହାପରେ ଜଣେ ସିକ୍ୟୁରିଟି ସୁପରଭାଇଜର ଜଣେ ଯୁବକଙ୍କୁ ରାଗିଯାଇ ଚାପୁଡ଼ା ମାରିଥିଲେ। ଏହାପରେ ଦୁଇଜଣ ଯାକ ଯୁବକ ପଳାଇ ଯାଇ କିଛି ସମୟ ଭିତରେ ଅଧିକ ପିଲାଙ୍କ ସହ ଆସି ମାରଣାସ୍ତ୍ର ଦେଖାଇ ସିକ୍ୟୁରିଟିକୁ ଧମକ ଚମକ୍ ଦେଇଥିଲେ। କିନ୍ତୁ ଠିକଣା ସମୟରେ ଅଧିକ ନିରାପତ୍ତା ରକ୍ଷୀ ପହଞ୍ଚି ଯିବାରୁ ଯୁବକମାନେ ପଳାଇଥିଲେ।

## ମେଧାବୃତ୍ତି ପରୀକ୍ଷାରେ ଛାତ୍ରଙ୍କ ସଫଳତା

**ଶଙ୍ଖଚିଲା, ୫।୧୧(ସମିସ):** କୋରେଇ ବ୍ଲକ ଶଙ୍ଖଚିଲା ସରସ୍ୱତୀ ଶିଶୁମନ୍ଦିରର ତୃତୀୟ ଶ୍ରେଣୀ ଛାତ୍ର ଏମଏସ ଅମିତାଭ ବେହେରା ବୃତ୍ତି ପରୀକ୍ଷାରେ ସଫଳତା ଅର୍ଜନ କରିଛନ୍ତି। ସମଗ୍ର ବ୍ଲକରେ ଟପ୍ପର ହୋଇଥିବା ଅମିତାଭଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଶିକ୍ଷକ ମଦନ ମୋହନ ବେହେରା ଓ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ବେହେରାଙ୍କ ପୁଅ ଅମିତାଭ। ପୁଅର ସଫଳତା ପାଇଁ ଗୁରୁଜୀ ଗୁରୁମାଙ୍କ ସମେତ ଶିକ୍ଷୟିତ୍ରୀ ସୋନାଲି ସାହୁ, ଜେଜେ ଦୁର୍ଯ୍ୟୋଧନ ବେହେରା, ଖୁଡ଼ି ମମତା ବେହେରା ଓ ଦୀପ୍ତିମୟୀ ବେହେରାଙ୍କୁ ସମସ୍ତ ଶ୍ରେୟ ପ୍ରଦାନ କରିଛନ୍ତି। ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପଦୀପ୍ତ ବିଶ୍ୱାଳଙ୍କ ସମେତ ଗୁରୁଜୀ ଗୁରୁମା ଓ ପରିଚାଳନା ସମିତି ସଭ୍ୟ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଅମିତାଭଙ୍କ ସଫଳତାରେ ଜାତୀୟ ମାନବାଧିକାର କୋର କମିଟି ସଦସ୍ୟ ତଥା କୋରେଇ ଉନ୍ନୟନ ପରିଷଦର ମୁଖ୍ୟ ଉପଦେଷ୍ଟା ମନୋଜ ଜେନା, ସଭାପତି ଶ୍ରୀଧର ଦାସଙ୍କ ସମେତ ସ୍ଥାନୀୟ ସରପଞ୍ଚ ଇଂ ସର୍ବେଶ୍ୱର ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ବାଲିଚନ୍ଦ୍ରପୁରରେ ବ୍ରାଉନସୁଗର କାରବାର ଅଭିଯୋଗ

**କୁନ୍ଦଳ, ୫।୧୨(ସମିସ):** ବାଲିଚନ୍ଦ୍ରପୁର ଥାନା ସଂଲଗ୍ନ ଓ ତା'ର ଆଖପାଖ ଅଞ୍ଚଳରେ ବ୍ୟାପକ ବ୍ରାଉନସୁଗର କାରବାର ହେଉଥିବା ଚର୍ଚ୍ଚା ହେଉଛି। ବାଲିଚନ୍ଦ୍ରପୁର ବଜାରକୁ ଲାଗି ରହିଥିବା ପତରାଜପୁର, ସାହାସପୁର କଲେଜ ପଛପଟ ଓ କଲୋନୀର ବିଭିନ୍ନ ଗଳି, ଚାରିନଙ୍ଗଳ, ନଳୀପୁର, ଗଜେନ୍ଦ୍ରପୁର, ଖଡ଼ଗପୁର ଅଞ୍ଚଳରେ ଏହି କାରବାର ଚାଲିଥିବା ଚର୍ଚ୍ଚା ହେଉଛି। ବହୁ ବେକାର ଯୁବକ ଅଧିକ ଅର୍ଥ ଉପାର୍ଜନ ଲୋଭରେ ଏହି କାରବାର ଚଳାଉଥିବାବେଳେ ବହୁ ଯୁବଗୋଷ୍ଠୀ ଏହାକୁ ସେବନ କରି ପଥଭ୍ରଷ୍ଟ ହେଉଥିବା ପରିଲକ୍ଷିତ ହେଉଛି। କେତେକ ଯୁବକ ବାପାମାଆଙ୍କଠାରୁ ଟଙ୍କା ନେଇ ବ୍ରାଉନସୁଗର କିଣି ସେବନ କରୁଥିବାବେଳେ କେତେକ ଟଙ୍କା ଅଭାବରୁ ରାହାଜାନି ଓ ଲୁଟ୍ ଭଳି ଅପରାଧ ଘଟାଇ ଚାଲିଛନ୍ତି। ଏଥିପ୍ରତି ସ୍ଥାନୀୟ ପୁଲିସ ଓ ଜିଲ୍ଲା ପୁଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଆଜିଠୁ ରାଜ୍ୟପାଳଙ୍କ ୨ ଦିନିଆ ଅନୁଗୋଳ ଗସ୍ତ

**ଅନୁଗୋଳ, ୫।୧୨(ସମିସ):** ରାଜ୍ୟପାଳ ରଘୁବର ଦାସଙ୍କ ଚଳିତ ମାସ ୬ ଓ ୭ ତାରିଖରେ ଦୁଇ ଦିନିଆ ଅନୁଗୋଳ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତର କାର୍ଯ୍ୟସୂଚୀ ମୁତାବକ ୬ ତାରିଖ ସକାଳ ୧୦ଟାରେ ନାଲକୋ ଗେଷ୍ଟ ହାଉସ୍‌ରେ ରାଜ୍ୟପାଳ ପହଞ୍ଚିବେ। ପରେ ୧୦ଟା ୪୫ରେ ତୁରଙ୍ଗସ୍ଥିତ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିବା ସହ ୧୧ଟା ୪୫ରେ ନାରିଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କ ସହ ବାର୍ତ୍ତାଳାପ କରିବେ। ମଧ୍ୟାହ୍ନ ୧୨ଟାରେ ଅନୁଗୋଳ ସହରର ରାଜକିଶୋରପଡ଼ା ସ୍ଥିତ ପାନୀୟ ଜଳ ପ୍ରକଳ୍ପର ପରିଦର୍ଶନ କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୧୨ଟା ୩୦ରେ ବାଜିରାଉତ ଛାତ୍ରାବାସ, ଏହା ପରେ ସ୍ମାଟ ପାର୍କ, ବ୍ଲାକ୍ ଡାଇମଣ୍ଡ ଓ ଏଆରସିର ଗସ୍ତ କରିବେ। ୪ଟାରେ ତାଳଚେରର କନ୍ଧବେରେଣୀ ଆଶ୍ରମ ସ୍କୁଲ ଓ ଗ୍ରାମାଣ ପାନୀୟ ଜଳ ପ୍ରକଳ୍ପର ପରିଦର୍ଶନ କରିବେ। ୫ଟାରେ ଧରମପୁର ସ୍ୱାସ୍ଥ୍ୟ କେନ୍ଦ୍ର, ୬ଟା ୧୫ରେ ଗୋପାଳପ୍ରସାଦ ସ୍ଥିତ ହିଙ୍ଗୁଳା ମନ୍ଦିର ପରିଦର୍ଶନ କରିବେ। ୭ ତାରିଖରେ ଅନୁଗୋଳ ସ୍ଥିତ ଜଗନ୍ନାଥ ମନ୍ଦିର ପରିଦର୍ଶନ କରି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ରାଜ୍ୟପାଳଙ୍କ ଗସ୍ତ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଥିଲା।

**ପ୍ରୋତ୍ସାହନ ଅଭାବରୁ ବାଧାପ୍ରାପ୍ତ ହେଉଛି ହସ୍ତଶିଳ୍ପ**

# ହଜିଗଲାଣି ହାତ ତିଆରି ବାଉଁଶ ସାମଗ୍ରୀ

**ତାଳଚେର, ୫।୧୨(ସମିସ)**

ବାଉଁଶର ଅଭାବ ଯୋଗୁ ବିଲୁପ୍ତ ହେବାକୁ ବସିଲାଣି ବାଉଁଶର ହାତ ତିଆରି ଘରକରଣା ସାମଗ୍ରୀ। ପ୍ରୋତ୍ସାହନ ଅଭାବରୁ ଏହି ହସ୍ତଶିଳ୍ପ ବାଧାପ୍ରାପ୍ତ ହେଉଛି। ଯଦି ପ୍ରୋତ୍ସାହନ ମିଳନ୍ତା ଏହି କୁଟିରଶିଳ୍ପ ବଞ୍ଚି ରହନ୍ତା ବୋଲି କାରିଗରମାନେ କହିଛନ୍ତି। ଦିନ ଥିଲା ତାଳଚେରର ଡମ ସାହିର କାରିଗରଙ୍କ ଦ୍ୱାରା ନିର୍ମିତ ବାଉଁଶ ତିଆରି ଘରକରଣା ସାମଗ୍ରୀ ପ୍ରସିଦ୍ଧି ଲାଭ କରିଥିଲା। ବାଉଁଶର ନିର୍ମିତ ହେଉଥିବା ଟୋକେଇ, ଝୁଡ଼ି, ପାଚିଆ, କୁଲା, ବାଇଁଶିଆ ଏବଂ ଭୋଗ ଡାଲା ସମେତ ଅନ୍ୟ ସାମଗ୍ରୀ ଏହି ଦୁଇଟି ଗ୍ରାମରୁ କିଣିବା ପାଇଁ ଲୋକଙ୍କ ଭିଡ଼ ଜମୁଥିଲା। ଟୋକେଇ କି ଝୁଡ଼ି ହେଉ ବାହାର ଅଞ୍ଚଳରୁ ଆସି ଲୋକମାନେ କିଣି ନେଉଥିଲେ। ସେହିପରି କୁଲା ଓ ବାଇଁଶିଆ ଏବଂ ଭୋଗ ଡାଲା କିଣିବା ପାଇଁ ଲୋକେ ଏହି ସାହିକୁ ଆସୁଥିଲେ। ଏ ସମ୍ପର୍କରେ ଡମ ସାହିର କରିଗରମାନଙ୍କ କହିଛନ୍ତି, ବିଭିନ୍ନ ଗାଁରୁ ବାଉଁଶ କିଣି ଆଣି ତାକୁ ଚିରି ପାତିଆ କଲା ପରେ ସେଥିରେ ଟୋକେଇ ଓ ଝୁଡ଼ି ତିଆରି କରିଥାଉ। ଗୋଟିଏ ବାଉଁଶରେ ୩ଟି ଝୁଡ଼ି ତିଆରି ହୋଇଥାଏ। ସେହିପରି ଗୋଟିଏ ବାଉଁଶରେ ୩ଟି ଟୋକେଇ କରିଥାଉ। ଏହି ଝୁଡ଼ି ଓ ଟୋକେଇ ନେବା ପାଇଁ ବିଭିନ୍ନ ସ୍ଥାନରୁ ଆସୁଥିବା ବରାଦ ଅନୁସାରେ ଯୋଗାଇ ଦେଉଥିଲୁ। ଏହାଦ୍ୱାରା ଆମର ଆର୍ଥିକ ଉନ୍ନତି ହେଉଥିଲା।



ବିବାହ ଉତ୍ସବ ପାଇଁ ଆବଶ୍ୟକ ଥିବା କୁଲା ଓ ବାଇଁଶିଆ କିଣିବାକୁ ଆସିଥିବା ଗ୍ରାହକଙ୍କୁ ବିକିଥାଉ। ଏଥିସହ ପାର୍ବଣ ଋତୁରେ ବାଉଁଶ ତିଆରି ଭୋଗଡ଼ାଲା, ଖଇଛଡ଼ା ଇତ୍ୟାଦି ସାମଗ୍ରୀର ବହୁଳ ଚାହିଦା ରହିଥିବାରୁ ଏହାକୁ ଦୃଷ୍ଟିରେ ଅଧିକ ସଂଖ୍ୟାରେ ଏହି ସାମଗ୍ରୀ ନିର୍ମାଣ କରିଥାଉ। ବୃକ୍ଷକୁ ସୁରକ୍ଷା ଦେବାକୁ ତିଆରି ହେଉଥିବା ବାଉଁଶ ତିଆରି ଓଟେଇ ନେବା ପାଇଁ ବାହାରୁ ଆମକୁ ବରାଦ ମିଳିଥାଏ। ଏହି ବାଉଁଶର ଓଟେଇ ତିଆରି କରି ବିକ୍ରି ହୁଏ। ମାତ୍ର ବାଉଁଶର ବ୍ୟାପକ ଅଭାବ ପାଇଁ ବାଉଁଶ ତିଆରି ସାମଗ୍ରୀ ବିଲୁପ୍ତ ହେବା ଆଶଙ୍କା ଦେଖାଦେଇଛି। ସରକାରଙ୍କ ପକ୍ଷରୁ ଯଦି ବାଉଁଶର ବ୍ୟାପକ ଜଙ୍ଗଲ ସୃଷ୍ଟି କରାଯାଇ ପାରନ୍ତା ଏବଂ ଏହି କୁଟିରଶିଳ୍ପ ଉପରେ ନିର୍ଭରଶୀଳ ପରିବାରକୁ ସରକାରୀ ପ୍ରୋତ୍ସାହନ ମିଳନ୍ତା ତେବେ ଏହି ଶିଳ୍ପର ଚାହିଦା ବୃଦ୍ଧି ପାଆନ୍ତା। ବାଉଁଶ ତିଆରି ଡାଲା, ବାଇଁଶିଆ, କୁଲା, ଭୋଗ ଡାଲାର ଚାହିଦା ପ୍ରତ୍ୟେକ ପରିବାରରେ ରହି ଆସିଛି। ସେହିପରି ବାଉଁଶ ତିଆରି ଢୋଲରେ ମାଟି ଓ ଗୋବର ଦେଇ ଲିପିବା ସହ ଏହା ଭିତରେ ଅମଳ ହୋଇଥିବା ଧାନ ରଖିଲେ ଘରେ ଧନଧାନ୍ୟ ବୃଦ୍ଧି ହୋଇଥାଏ। ଜଣେ କାରିଗରଙ୍କ କହିବା ଅନୁଯାଇ ବାଉଁଶ ତିଆରି ସାମଗ୍ରୀ ଆମର କୁଳ ବେଉସା। ଏହାକୁ ତିଆରି କରି ସପ୍ତାହିକ ହାଟରେ ବିକ୍ରି କରି ନିଜର ପରିବାର ପ୍ରତିପୋଷଣ କରିଥାଉ।

**ଅମଳ ସମୟରେ ବର୍ଷା ଆଶଙ୍କା।**

## ଫସଲର ସୁରକ୍ଷା ଓ ସଂଗ୍ରହକୁ ନେଇ ଅଣ୍ଟା ଭିଡ଼ିଛି ଚାଷୀ



**କୋରେଇ, ୫।୧୨(ସମିସ):** ଖରା, ବର୍ଷା, ଶୀତ ସହି ଫସଲ କରିଥିବା ଚାଷୀ ଏବେ ଏହାର ସୁରକ୍ଷା ଓ ସଂଗ୍ରହ ପାଇଁ ଅଣ୍ଟା ଭିଡିଛି। ବାତ୍ୟା ପ୍ରଭାବରେ ବର୍ଷା ହେବ। ଏ ଖବର ପ୍ରସାରିତ ହେବା ପରେ ଚାଷୀକୁଳ ଅମଳକ୍ଷମ ଫସଲକୁ ସୁରକ୍ଷିତ ରଖିବା ପାଇଁ ଚଳଚଞ୍ଚଳ ହୋଇ ଉଠିଛି। କାରଣ ଡିସେମ୍ବର ମାସ ଶେଷ ସୁଦ୍ଧା ଧାନ ଅମଳର ସମୟ। ତେଣୁ କାହା କ୍ଷେତରେ ପାଚିଲା ଧାନ କଟା ନ ହୋଇ ପଡ଼ିଛି ତ କାହାର ଖଳାରେ ପଡ଼ିଛି ଅମଳ ଧାନ। ମୁଣ୍ଡଖାଳ ତୁଣ୍ଡରେ ମାରି ଧାନ ଚାଷ କରିଥିବା ଚାଷୀ ବର୍ଷା ହେଲେ ଏହା ନଷ୍ଟ ହୋଇଯିବା ଆଶଙ୍କାରେ ତରତର ହୋଇ ଧାନ ଅମଳ ପାଇଁ ଅଣ୍ଟା ଭିଡ଼ିଛି। ଏବେଠୁ ଘୋଟି ଆସୁଥିବା ମେଘୁଆ ପାଗକୁ ଦେଖି ବର୍ଷକର ଦାନାକୁ ସୁରକ୍ଷିତ ରଖିବାକୁ ପ୍ରାଣପଣେ ଚେଷ୍ଟା କରୁଛି। ଏଭଳି ଦୃଶ୍ୟ ଯାଜପୁର ଜିଲ୍ଲା କୋରେଇ ଅଞ୍ଚଳର ଚାଷୀମାନଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଏ ଅଞ୍ଚଳରେ ୨/୩ ଦିନ ହେଲା ଆକାଶ ମେଘାଚ୍ଛନ୍ନ ଥିବାବେଳେ କେତକ ସ୍ଥାନରେ ଅଳ୍ପ ପରିମାଣର ଝିପିଝିପି ବର୍ଷା ହୋଇଛି। ଆଗକୁ ଅଧିକ ବର୍ଷା ହେବା ଆଶଙ୍କାରେ ଚାଷୀକୁଳ ଯେନତେନ ଉପାୟରେ ଧାନ କାଟି ଘରକୁ ନେଉଛନ୍ତି। ଆଉ କିଏ କିଏ ମଧ୍ୟ ଧାନ କଟା ମେସିନ ଦ୍ୱାରା ବିଲରେ ଧାନ ଅମଳ କରୁଥିବା ଦେଖାଯାଉଛି। କେଉଁ ଚାଷୀ ଧାନ କାଟି ବିଲରେ ଗଦା କରୁଥିବାବେଳେ କିଏ ବଳଦ ଗାଡ଼ି, ଟ୍ରାକ୍ଟର ଯୋଗେ ଖଳାକୁ ଆଣୁଛନ୍ତି। ଚାଷୀ ଭାଇଙ୍କ ନିଦ ହଜାଇ ଦେଲାଣି ଏ ସାମ୍ଭାବ୍ୟ ବର୍ଷା। ଏବେ ମଧ୍ୟ ଅଧିକାଂଶ ଜମିରେ ପାଣି ଜମି ରହିବା ସହିତ ଅଧା ପାଚିଲା ଧାନ ଗଛ ଅଛି। ବର୍ଷା ହେଲେ ଏହି ଧାନ ଗଛର କ୍ଷତି ହେବ। ତା'ସହିତ ପାଚିଲା ଧାନ ଜମିରେ ପାଣି ଜମି ପଚିଯାଇ ଗଜା ମଧ୍ୟ ହୋଇଯିବ। ମଣ୍ଡିରେ ଧାନ ଦେଲା ବେଳକୁ ବହୁ ଅସୁବିଧାରେ ସମ୍ମୁଖୀନ ହେବେ ଚାଷୀ। ଯାହାକୁ ନେଇ ଅନେକ ଚାଷୀ ଚିନ୍ତା ପ୍ରକଟ କରିଛନ୍ତି। ଆଉ ମଧ୍ୟ ପାଚିଲା ଧାନ ପେଣ୍ଡାଗୁଡିକ ଭାଙ୍ଗି ବିଲରେ ପଡ଼ିବା ସହିତ ଅନେକ ଧାନ ଝଡ଼ିଯିବ ବୋଲି ଚାଷୀଭାଇ ପ୍ରକାଶ କରିଛନ୍ତି। ଯଦି ବର୍ଷା ହୋଇଯାଏ, ତେବେ ବିଲକୁ ଟ୍ରାକ୍ଟର କିମ୍ବା ମେସିନ ପଶିବା କଷ୍ଟକର ହୋଇଯିବ। ଫଳରେ ବିଲରେ ଧାନ ଅମଳ କରିବା କିମ୍ବା ଖଳାରେ ଧାନ ଅମଳ କରିବା ପାଇଁ ବହୁ ସମସ୍ୟାରେ ସମ୍ମୁଖୀନ ହେବେ ଚାଷୀ। ବର୍ଷା ହେଲେ କେବଳ ଧାନ ଚାଷ ନୁହେଁ ବିଭିନ୍ନ ପ୍ରକାରର ଅମଳକ୍ଷମ ପନିପରିବା ଚାଷ କ୍ଷତିଗ୍ରସ୍ତ ହେବ ବୋଲି ଚାଷୀ କୁହନ୍ତି। ଏପରି ସ୍ଥଳେ ଚାଷୀ ଚିନ୍ତାରେ ଥିବାବେଳେ ଯଦି ବର୍ଷା ହୋଇଯାଏ ତେବେ ଧାନ ଚାଷ ସହିତ ପନିପରିବା ଚାଷର କ୍ଷତି ଘଟିବ ବୋଲି ଆଶଙ୍କା ରହିଛି।

## ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ

# ଜୈବିକ ପଦ୍ଧତିରେ ମାଟିର ଯତ୍ନ ନେବାକୁ ପରାମର୍ଶ

**ଜଗତସିଂହପୁର/ତିର୍ତ୍ତୋଲ, ୫ ।୧୨(ସମିସ)**



ଜଗତସିଂହପୁର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୀବ ମୁଦାଲି ଏଥିରେ ସଭାପତିତ କରିଥିଲେ। ବିଭିନ୍ନ ପ୍ରକାରର ଜୈବିକ ପ୍ରଣାଳୀ ଅବଲମ୍ବନ କରି କିପରି ମାଟିର ଯତ୍ନ ନିଆଯାଇପାରିବ ଏବଂ ଜୈବିକ ଉପାଦାନ ଦ୍ୱାରା କିପରି ମାଟିର ମାନ ବୃଦ୍ଧି କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲ୍ଲା ପରିଷଦର ସଭାପତି ମନୋଜ ଭୋଇ ଯୋଗ ଦେଇ ପ୍ରାକୃତିକ ଏବଂ ଜୈବିକ କୃଷି ଉପରେ ପ୍ରାଧାନ୍ୟ ଦେଇଥିଲେ। ଏହା କିପରି ଚାଷୀଙ୍କ ନିମନ୍ତେ ଖୁବ୍ ଉପଯୋଗୀ ସେ ବିଷୟରେ ଆଲୋଚନା କରିଥିଲେ। ତିର୍ତ୍ତୋଲ ବ୍ଲକ ଆତ୍ମା ଅଧ୍ୟକ୍ଷ ଦେବେନ୍ଦ୍ର ମଲ୍ଲିକ ଯୋଗ ଦେଇ ମୃତ୍ତିକା ସ୍ୱାସ୍ଥ୍ୟର ଗୁରୁତ୍ୱ ଏବଂ ଜୈବିକ କୃଷି ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୀବ ମୁଦାଲି ଏବଂ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଜୀବନଜିତ ସେନ୍ ମୃତ୍ତିକାର ମାନ କିପରି ବଢ଼ା ଯାଇପାରିବ ଏବଂ ଏହା ଦ୍ୱାରା ଚାଷୀ କିପରି ଲାଭବାନ ହେବେ ସେ ବିଷୟରେ ଆଲୋକପାତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ଡ. ପ୍ରଦୀପ୍ତ ମାଝୀ ମାଟିମାର ଯତ୍ନ ନିମନ୍ତେ ଜୈବିକ ଏବଂ ପ୍ରାକୃତିକ କୃଷିର ପ୍ରାଧାନ୍ୟ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ମୃତ୍ତିକା ଅଧିକାରୀ ସମଲେଇ ପରିଡ଼ା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଡିଓ ନବକିଶୋର ମହାପାତ୍ର, ତିର୍ତ୍ତୋଲ ଏଡିଓ ପୂର୍ଣ୍ଣେନ୍ଦୁ ଶେଖର ଆଚାର୍ଯ୍ୟ, ତିର୍ତ୍ତୋଲ, ଏରସମା ଏବଂ କୁଜଙ୍ଗର ବ୍ଲକ ମୁଖ୍ୟ କୃଷି ଅଧିକାରୀ ଯୋଗ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଦେବାଶିଷ ପଣ୍ଡା, ଡ. ଦ୍ୱାରିକା ମୋହନ ଦାସ, ସମସ୍ତ କର୍ମଚାରୀ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ବିଭିନ୍ନ କର୍ମଚାରୀ ଯୋଗ ଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ପ୍ରାକୃତିକ କୃଷି ଏବଂ କୃଷି ଯନ୍ତ୍ରପାତିର ଏକ ପ୍ରଦର୍ଶନୀ ମେଳା ଆୟୋଜନ କରାଯାଇଥିଲା। କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବିଭିନ୍ନ ବ୍ଲକର ଚାଷୀଙ୍କ ମୃତ୍ତିକା ପରୀକ୍ଷା କରାଯାଇ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। ମୃତ୍ତିକା ଓ ଜଳ ଜୀବନର ଉତ୍ସ ବାର୍ତ୍ତା ଉପରେ ସ୍କୁଲ ପିଲାଙ୍କୁ ନେଇ ଏକ ପ୍ରତିଯୋଗିତା ଆୟୋଜନ କରାଯାଇ ପୁରସ୍କୃତ କରାଯାଇଥିଲା। ମୃତ୍ତିକାର ମାନ ବୃଦ୍ଧିରେ ସହାୟତା କରିଥିବା ତିର୍ତ୍ତୋଲ ବ୍ଲକରଚାଷୀସୌରଭବିଶ୍ୱାଳଙ୍କୁସମ୍ମାନିତକରାଯାଇଥିଲା।

# ନଈ ମଝିରେ ୨ ଘଣ୍ଟା କାଳ ଫସି ରହିଥିବା ଡଙ୍ଗା ଉଦ୍ଧାର



**ପାରାଦୀପ, ୫ ।୧୨(ସମିସ):** କେନ୍ଦ୍ରାପଡ଼ାରୁ ପାରାଦୀପ ଆସୁଥିବା ଏକ ଡଙ୍ଗା ମଝି ନଦୀରୁ ଉଦ୍ଧାର ହୋଇଛି। ପାଖାପାଖି ୨ ଘଣ୍ଟା ଧରି ଡଙ୍ଗାଟି ଫସି ରହିଥିଲା। ୨୫ରୁ ଅଧିକ ଯାତ୍ରୀ ଫସି ରହିଥିଲେ। ଡଙ୍ଗାରେ ୧୫ରୁ ଅଧିକ ବାଇକ୍ ଥିଲା। ମହାନଦୀର ବାହାକୁଦ ଘାଟରୁ ଡଙ୍ଗାଟି ପାରାଦୀପ ମୂଷାଡିଆ ଘାଟକୁ ଆସୁଥିଲା। ଅନ୍ୟ ଏକ ଡଙ୍ଗା ସାହାଯ୍ୟରେ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ଡଙ୍ଗାରେ କୌଣସି ଲାଇଫ ସପୋର୍ଟ ସାମଗ୍ରୀ ନ ଥିବା ବେଳେ କ୍ଷମତାଠାରୁ ଅଧିକ ଲୋକ ରହିବା ଯୋଗୁ ଏପରି ଘଟଣା ଘଟିଥିବା ଅନୁମାନ କରାଯାଉଛି। ଇଞ୍ଜିନର ବେରିଙ୍ଗ୍‌ଲ ଖରାପ ହୋଇଥିବା ସୂଚନା ମିଳିଛି।

# ଶିବିରକୁ ମୁହଁ ମୋଡୁଛନ୍ତି ଭିନ୍ନକ୍ଷମ



**ଏରସମା, ୫ ।୧୨(ସମିସ):** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଏରସମା ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ୨୭୦ ଜଣ ନାମ ପଞ୍ଜିକରଣ କରିଥିଲେ। ଏହି ଏହି ଶିବିରରେ ବହୁତ କମ୍ ଭିନ୍ନକ୍ଷମ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ଏହାର କାରଣ ବୁଝିବାରୁ ଜଣାପଡ଼ିଥିଲା ୨୦୧୯ ରୁ ଅନଲାଇନ୍ ପଞ୍ଜୀକରଣ କରି ବାରମ୍ବାର ଏହି ଶିବିରକୁ ଯିବା ପରେ ମଧ୍ୟ ଡିଜିଟାଲ ସାର୍ଟିଫିକେଟ ମିଳୁନାହିଁ। ଲାଞ୍ଚ ନ ଦେଲେ ସାର୍ଟିଫିକେଟ ମିଳୁନି ବୋଲି କେତେକ କହିଛନ୍ତି।

ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କ୍ଷେତ୍ରବାସୀ ଦାଶଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ବଡ ଡାକ୍ତରଖାନାର ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରାଯାଇଛି। ଅସ୍ଥି ଶଲ୍ୟ ବିଭାଗରେ ୧୧୮ ଜଣ, ୩୯ ଜଣ ଦୃଷ୍ଟି ବାଧିତ, ୩୬ ଜଣ ମାନସିକ ଅନଗ୍ରସର, ୨ ଜଣ ରକ୍ତହୀନତା, ୨୦ ଜଣ ଶ୍ରବଣ ଶକ୍ତି ବାଧିତ ଭିନ୍ନକ୍ଷମ ଚିହ୍ନଟ କରାଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ ନାୟକ, ବିଡ଼ିଓ ଲମ୍ବୋଦର ଖୁଣ୍ଟିଆ, ଅତିରିକ୍ତ ବିଡିଓ ଜ୍ଞାନେନ୍ଦ୍ର ଲେଙ୍କା, ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଅମୟ ସ୍ୱାଇଁ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରୀତମ ନାୟକଙ୍କ ତତ୍ତ୍ୱାବଧାନରେ ପ୍ରୀତିଶ ନାୟକ ଓ ହୃଷିକେଶ ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ଜଇପୁର ଛକ ପୂର୍ତ୍ତ ବିଭାଗ ଜାଗା ଜବରଦଖଲ ଘଟଣା

# ସ୍ଥିତି ଅନୁଧ୍ୟାନ କଲେ ତହସିଲଦାର

**ରଘୁନାଥପୁର, ୫ ।୧୨(ସମିସ):** ରଘୁନାଥପୁର ତହସିଲ୍ କଟକ-ପାରାଦୀପ ରାସ୍ତାକୁ ଲାଗିଥିବା ଜଇପୁର -ଜଗତସିଂହପୁର ପ୍ରବେଶ ପଥରେ କେତେଜଣ ବ୍ୟକ୍ତି ସରକାରୀ ଜମି ଜବରଦଖଲ କରିଛନ୍ତି। ତହସିଲ୍ ସୁପରଭାଇଜର ସୁଦାମ ଚରଣ ଗୁରୁ, ଛପଡ଼ା ରାଜସ୍ୱ ନିରୀକ୍ଷକ ସୁଶାନ୍ତ ସ୍ୱାଇଁ, ପୂର୍ତ୍ତ ବିଭାଗ ଜଇପୁର ସହକାରୀ ଯନ୍ତ୍ରୀ ବିନୟ ସାହୁଙ୍କ ଉପସ୍ଥିତିରେ ନଭେମ୍ବର ୨୯ ତାରିଖରେ ଦୁଇ ଅମିନଙ୍କ ଦ୍ୱାରା ମାପଚୁପ କରାଯାଇଥିଲା। ସୁଶାନ୍ତ ଦାସ ଓ ତାଙ୍କ ଭାଇମାନେ ସରକାରୀ ପ୍ଲଟର ୨ଡିସମିଲ ଜାଗା ଜବରଦଖଲ କରି ପାଚେରୀ ନିର୍ମାଣ ସହ ବାଲି ଫିଲିଙ୍ଗ କରିଥିବା ଜଣାପଡ଼ିଥିଲା। ମଙ୍ଗଳବାର ସନ୍ଧ୍ୟାରେ ରଘୁନାଥପୁର ତହସିଲଦାର ଛପଡ଼ା ରାଜସ୍ୱ ନିରୀକ୍ଷକ ଜଇପୁର ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ ସହ ଜବରଦଖଲସ୍ଥଳ ବୁଲି ଦେଖିଥିଲେ। ଜବରଦଖଲକାରୀଙ୍କୁ ଡକାଇ ଜବରଦଖଲ ଖାଲି କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି।

# ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳିତ



**ତିର୍ତ୍ତୋଲ, ୫।୧୨(ସମିସ):** ଜାତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଦର ଟେରେସା ଫାଉଣ୍ଡେସନ ଆନୁକୂଲ୍ୟରେ ଜବାହର ନବୋଦୟ ବିଦ୍ୟାଳୟ ସାଇଲୋ ରାହାମା ପରିସରରେ ସଡକ ଦୁର୍ଘଟଣା ଜନିତ ଶୂନ୍ୟ ମୃତ୍ୟୁ ସପ୍ତାହ ଦିବସ ପାଳିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଆଇନଜୀବୀ ଡ. ସୁନାକର ବେହେରାଙ୍କ ସଂଯୋଜନାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଶୋଭାଯାତ୍ରାରେ ରାହାମା ବଜାର ପରିକ୍ରମା କରି ଲୋକଙ୍କୁ ସଡକ ସୁରକ୍ଷା ଦିଗରେ ସଚେତନ କରିଥିଲେ। ତିର୍ତ୍ତୋଲ ଥାନା ଅଧିକାରୀ ଅଭିମନ୍ୟୁ ନାୟକଙ୍କ ସହିତ ପୁଲିସ ବାହିନୀ ଓ ଜିଲ୍ଲା ପରିବହନ ବିଭାଗର ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ। ସଡକ ସୁରକ୍ଷା ଉପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ପାଗଳା ବିଲୁଆ କାମୁଡ଼ାରେ ବୃଦ୍ଧ ଗୁରୁତର

**ବାଲିକୁଦା, ୫ ।୧୨(ସମିସ):** ବାଲିକୁଦା ବ୍ଲକ ତଣ୍ଡିକୁଳ ପଞ୍ଚାୟତ ସାରଣା ମଠ ସାହି ଗ୍ରାମର ସୁରେନ୍ଦ୍ର ରାଉତ (୭୨) ଏକ ପାଗଳ ବିଲୁଆ କାମୁଡ଼ାରେ ଗୁରୁତର ହୋଇଛନ୍ତି। ସେ ଧାନବିଲକୁ ଯାଇଥିବା ସମୟରେ ଏକ ପାଗଳ ବିଲୁଆ ତାଙ୍କୁ ହଠାତ୍ ଆକ୍ରମଣ କରିଥିଲା। ଏଥିରେ ତାଙ୍କର ମୁହଁ ଓ ପାଟି ଗଭୀର ଭାବେ କ୍ଷତ ହେବା ସହ ପ୍ରଚୁର ରକ୍ତସ୍ରାବ ହୋଇଛି। ସ୍ଥାନୀୟ ଲୋକେ ତାଙ୍କ ଚିତ୍କାର ଶୁଣି ଉଦ୍ଧାର କରିଥିଲେ। ପ୍ରଥମେ ଜଗତସିଂହପୁର ମେଡିକାଲ ଓ ପରେ କଟକ ବଡ଼ ମେଡିକାଲରେ ତାଙ୍କୁ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, କୋଭିଡ଼ ମହାମାରି ସମୟରେ ତାଙ୍କର ଏକମାତ୍ର ରୋଜଗାରିଆ ବିବାହିତ ପୁଅର ମୃତ୍ୟୁ ଘଟିଛି।

● ମହଙ୍ଗା ପଡ଼ିଲା ଯୁବକଙ୍କୁ ଚୂନ, କାଳୀ ଲଗାଇ ମାଡ଼

# ଦୁଇ ସଢୁଙ୍କ ସମେତ ଅସଦାଚରଣ କରିଥିବା ଯୁବକ କୋର୍ଟ ଚାଲାଣ

**ପାରାଦୀପ, ୫ ।୧୨(ସମିସ):** ଯୁବକକୁ ଚୂନ କାଳୀ ଲଗାଇ ଲଣ୍ଡା କରି ଛେଚିବା ଦୁଇ ସଢୁଙ୍କୁ ମହଙ୍ଗା ପଡ଼ିଛି। ଶେଷରେ ମହିଳାଙ୍କୁ ଅସଦା ଚରଣ କରିଥିବା ଯୁବକଙ୍କ ସମେତ ଚୂନ କାଳୀ ଲଗାଇ ଥିବା ମହିଳାଙ୍କ ସ୍ୱାମୀ ସମୀର ସେଠୀ ଓ ସଢୁ ନୃସିଂହ ସେଠୀକୁ ପୁଲିସ ଗିରଫ କରିଛି।

୨ ଦିନ ତଳେ ଜଣେ ଜରେ ୬୦ ବର୍ଷର ମହିଳା ପରିସ୍ରା କରିବାକୁ ଯିବା ବେଳେ ପଡୋଶୀ ଅଭୟ ବେହେରା (୩୯) ହଠାତ ତାଙ୍କ ପାଟିରେ କପଡ଼ା ଦେଇ ଦେବାରୁ ମହିଳା ଜଣକ ତଳେ ପଡ଼ି ଖଣ୍ଡିଆ ଖାପରା ହେବା ସହ ଚିତ୍କାର କରିବାରୁ ପରିବାର ଲୋକେ ପହଞ୍ଚି ଥିଲେ। ପରିବାର ଲୋକେ ଏହି ଯୁବକ ମୁହଁରେ ଚୂନ କାଳୀ ଲଗାଇବା ସହ ଲଣ୍ଡା କରି ବାନ୍ଧି ପିଟିଥିଲେ। ଏ ସମ୍ପର୍କରେ ଯୁବକ ଜଣକ ମେରାଇନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଅସଦାଚରଣର ମହିଳା ଜଣଙ୍କ ମଧ୍ୟ ତାଙ୍କୁ ଅସଦାଚରଣ କରିଥିବା ନେଇ ପାଲଟା ଅଭିଯୋଗ କରିଥିଲେ। ଉଭୟ ପକ୍ଷରୁ ହୋଇଥିବା ଅଭିଯୋଗକୁ ପଞ୍ଜିକରଣ କରାଯାଇଥିଲା। ଏ ନେଇ ମେରାଇନ ଥାନାରେ ୨ଟି ପୃଥକ ପୃଥକ ମାମଲା ରୁଜୁ କରାଯାଇଛି।

## ନ୍ୟାସନାଲ ସ୍କୁଲର ବାର୍ଷିକ କ୍ରୀଡା ଉଦ୍‌ଯାପିତ

# କ୍ରୀଡ଼ା ବ୍ୟକ୍ତି ଜୀବନକୁ ଶୃଙ୍ଖଳିତ ସହ ରାଷ୍ଟ୍ରକୁ ସୁସ୍ଥ ରଖେ




**କୁଜଙ୍ଗ, ୫ ।୧୨(ସମିସ):** କୁଜଙ୍ଗସ୍ଥିତ ନ୍ୟାସନାଲ ସ୍କୁଲ ଓ ସେଣ୍ଟ ଜାଭିୟର ଇଣ୍ଟର ନାସନାଲ ସ୍କୁଲରେ ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଗୋଳ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପଚନ୍ଦ୍ର ମହାପାତ୍ର କହିଲେ ଯେ, କ୍ରୀଡା ବ୍ୟକ୍ତି ଜୀବନକୁ ଶୃଙ୍ଖଳିତ ସହ ରାଷ୍ଟ୍ରକୁ ସୁସ୍ଥ ରଖେ। ଅନ୍ୟତମ ଅତିଥିବ ଭାବେ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଜୀବନାନନ୍ଦ ଅଧିକାରୀ, ସମ୍ମାନୀତ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଡ. ଗଙ୍ଗାଧର ସାମନ୍ତରାୟ, ବିଦ୍ୟାଳୟର ଅଧ୍ୟକ୍ଷ ପ୍ରମିଳା ନନ୍ଦ, ସ୍କୁଲର ଅଧ୍ୟକ୍ଷ ସୁଧାକର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟକ୍ଷା ପ୍ରମିଳା ନନ୍ଦ ଅଧ୍ୟକ୍ଷତା କରିଥିଲେ। ୫୬୫ ପ୍ରତିଯୋଗୀ ଭାଗନେଇଥିବା ବେଳେ ୨୧୫ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ବେଶ ପ୍ରତିଯୋଗିତାରେ ୨୨୦ ଜଣ କୁନି କୁନି ବିଦ୍ୟାର୍ଥୀ ଭାଗ ନେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ରଘୁନାଥ ସାହୁ ପୌରୋହିତ୍ୟ କରିଥିଲେ। କିରଣ ନାୟକ, ସୁଭାସିନୀ ଦାସ, ସଙ୍ଗୀତା ରାଉତ, ମଧୁସ୍ମିତା ବାରିକ, ପ୍ରିୟଦର୍ଶିନୀ ଦାସ, ଏଲିନା ପ୍ରିୟଦର୍ଶିନୀ, ସୁଭଦ୍ରା ମହାପାତ୍ର, ପବିତ୍ର ନାୟକ, ରଞ୍ଜନ ସାହୁ, ଜଗବନ୍ଧୁ ମାଝି, ଗୌରାଙ୍ଗ ଚରଣ ସ୍ୱାଇଁ, ସଞ୍ଜୟ ଓଝା ଓ ପ୍ରକାଶ ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଗହଳିମୁକ୍ତ ହେବ ବଡ଼ଦାଣ୍ଡ

**ପୁରୀ, ୫।୧୨(ସମିସ):** ବଡ଼ଦାଣ୍ଡ ଉପରୁ ଗହଳି ଏବଂ ଯାତାୟାତ ଚାପ ହ୍ରାସ ଉଦ୍ଦେଶ୍ୟରେ ଏକ ନୂଆ ରାସ୍ତାର ପରିକଳ୍ପନା କରାଯାଇଛି। ଜଗନ୍ନାଥ ବଲ୍ଲଭ ପିଲ୍ଲିଗ୍ରୀମ ସେଣ୍ଟର(ଜେବିପିସି) ରୁ ଦୋଳବେଦୀ ପର୍ଯ୍ୟନ୍ତ ଏହି ପ୍ରସ୍ତାବିତ ରାସ୍ତା ପାଇଁ ପ୍ରକ୍ରିୟା ଜୋର୍ ଧରିଛି। ମଙ୍ଗଳବାର ଏହି ନୂତନ ରାସ୍ତା ନିର୍ମାଣ ଲାଗି ଅଧିଗ୍ରହଣ ହେବାକୁ ଥିବା ଜମି ନିମନ୍ତ ଜନଶୁଣାଣୀ ଅନୁଷ୍ଠିତ ହୋଇଛି। ଏହି ପ୍ରକଳ୍ପ ଦ୍ୱାରା ତୀର୍ଥଯାତ୍ରୀମାନେ ସହଳ ମନ୍ଦିରରେ ପହଞ୍ଚି ପାରିବେ ଏବଂ ବଡ଼ଦାଣ୍ଡ ଗହଳିମୁକ୍ତ ହେବ। ରଥଯାତ୍ରା ଓ ବିଭିନ୍ନ ପର୍ବପର୍ବାଣୀରେ ଠାକୁରଙ୍କ ଦର୍ଶନ ସହଳ ଓ ସହଜସାପେକ୍ଷ ହେବ। ଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ ସେଣ୍ଟରରୁ ଦୋଳବେଦୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ ପୁରୀ ଜିଲ୍ଲା ଓ ପୁରୀ ତହସିଲର, ଚୁଡଙ୍ଗସାହି ଏବଂ ଦାଣ୍ଡିମାଳସାହିରୁ ୧.୧୪୪୮ ଏକର ଘରୋଇ ଜମି ଅଧିଗ୍ରହଣ କରଯିବ। ଭୂମି-ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ, ୨୦୧୩ ଲୋକମାନଙ୍କ ଉଦ୍ଦେଶ୍ୟରେ ତିଆରି ହୋଇଛି। ପ୍ରସ୍ତାବିତ ପ୍ରକଳ୍ପ ଜେବିପିସିଠାରୁ ଦୋଳବେଦୀ, ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବା ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରାଯିବ, ଯାହାକି ସାର୍ବଜନୀନ ଉଦ୍ଦେଶ୍ୟରେ ହେଉଛି। ପ୍ରସ୍ତାବିତ ରାସ୍ତା ଜେବିପିସିଠାରୁ ଆରମ୍ଭ ହୋଇ ଦୋଳବେଦୀ ପର୍ଯ୍ୟନ୍ତ ଦାଣ୍ଡିମାଳ ସାହି ଓ ଚୁଡଙ୍ଗ ସାହି ମଧ୍ୟ ଦେଇ ଯିବ। ପ୍ରକଳ୍ପ ପାଇଁ ଚୁଡଙ୍ଗ ସାହିରୁ ୦.୮୭୯୮ ଏକର ଓ ଦାଣ୍ଡିମାଳ ସାହିରୁ ୦, ୨୬୫ଏକର ସମୁଦାୟ ୧.୧୪୪୮ ଏକର ବେସରକାରୀ ଜମି ଅଧିଗ୍ରହଣ ହେଉଛି। ଜମିଗୁଡିକ ମୁଖ୍ୟତଃ ଘରବାରି କିସମର ଅଟେ। ଏହି ରାସ୍ତା ପାଇଁ ଆବଶ୍ୟକ ଜାଗା ମଧ୍ୟରୁ ପ୍ରାୟତଃ ୬୮ ପ୍ରତିଶତ ଜଗନ୍ନାଥ ମନ୍ଦିର ଓ ସରକାରୀ ଜାଗା ଏବଂ ୩୨ ପ୍ରତିଶତ ଘରୋଇ ଜମି ରହିଛି। ରାସ୍ତାର ଲମ୍ବ ୮୦୦ ମିଟର ଓ ପ୍ରସ୍ଥ ୧୨ ମିଟର ଓ ମଧ୍ୟରେ ଦୁଇଟି ଛକ ପଡ଼ିବ। ପ୍ରଭାବିତ ଜମିଗୁଡିକରେ ବାସଗୃହ, ସ୍ଥାବର ସମ୍ପତ୍ତି, ବୃକ୍ଷ, ଦେବସ୍ଥଳୀ, ଧର୍ମଶାଳା, ବ୍ୟବସାୟ ପ୍ରତିଷ୍ଠାନ ଓ ରାସ୍ତା ଇତ୍ୟାଦି ରହିଛି, ଯାହା ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବ। ବର୍ତ୍ତମାନ ଶ୍ରୀମନ୍ଦିରକୁ ତୀର୍ଥଯାତ୍ରୀମାନେ ବଡ଼ଦାଣ୍ଡରେ ଯାତାୟାତ କରୁଛନ୍ତି, ଯାହାଦ୍ୱାରା ପ୍ରବଳ ଗହଳି ହେଉଛି। ରଥଯାତ୍ରା ଓ ଅନ୍ୟାନ୍ୟ ପର୍ବମାନଙ୍କରେ ଏହି ଗହଳିକୁ ନିୟନ୍ତ୍ରଣ କରିବା କଷ୍ଟ ହୋଇପଡୁଛି। ତେଣୁ ଏହି ଅସୁବିଧାକୁ ଦୂର କରିବା ପାଇଁ ଉକ୍ତ ରାସ୍ତା, ଯାହାକି ନରେନ୍ଦ୍ର ପୁଷ୍କରିଣୀ ପାର୍ଶ୍ୱ ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ରଠାରୁ ଦୋଳବେଦୀକୋଣ ପର୍ଯ୍ୟନ୍ତ ବଡଦାଣ୍ଡର ସମାନ୍ତରାଳରେ ନିର୍ମାଣ କରାଯିବ। ଏହା ବଡଦାଣ୍ଡର ବିକଳ୍ପ ହେବ। ତୀର୍ଥଯାତ୍ରୀମାନେ ସହଳ ମନ୍ଦିରରେ ପହଞ୍ଚି ପାରିବେ ଏବଂ ବଡ଼ଦାଣ୍ଡ ଗହଳିମୁକ୍ତ ହେବ। ରଥଯାତ୍ରା ଓ ବିଭିନ୍ନ ପର୍ବପର୍ବାଣୀରେ ଠାକୁରଙ୍କ ଦର୍ଶନ ସହଳ ଓ ସହଜସାପେକ୍ଷ ହେବ।

## କୋଣାର୍କ ଉତ୍ସବ-୨୦୨୩ ଉଦ୍‌ଯାପିତ

# ଓଡ଼ିଶୀରେ ବୈଦେହୀଶ ବିଳାସ ଓ କଥକରେ ସୂର୍ଯ୍ୟ ଜ୍ୟୋତିର ଉପସ୍ଥାପନା

**କୋଣାର୍କ, ୫।୧୨(ସମିସ)**



ପୁରାଣ-ଶାସ୍ତ୍ର ଓ କାବ୍ୟ-ମହାକାବ୍ୟର ବିବିଧ ପ୍ରସଙ୍ଗକୁ ନେଇ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଖୁବ୍ ସମୃଦ୍ଧ। ଜୀବନର ସତ୍ୟକୁ ଉଦ୍‌ଘାଟନ କରି ନୀତି, ଆଦର୍ଶ ଓ ମୂଲ୍ୟବୋଧକୁ ସଞ୍ଚାର କରି ଆସୁଥିବା ଶାସ୍ତ୍ର ଓ ପୁରାଣ ପ୍ରତିଟି ଜୀବନ ପାଇଁ ଆଚରଣ ସଂହିତା ଓ ମାର୍ଗଦର୍ଶିକା। ଏହି ଚେତନାର ବିସ୍ତାର କରିଥିଲା କୋଣାର୍କ ସୂର୍ଯ୍ୟମନ୍ଦିର ଅନ୍ତର୍ଗତ ମୁକ୍ତାକାଶ ରଙ୍ଗମଞ୍ଚ ଉଦ୍‌ଯାପନୀ ସନ୍ଧ୍ୟା। ପର୍ଯ୍ୟଟନ ବିଭାଗ ଆୟୋଜିତ ଏହି ବର୍ଣ୍ଣାଢ୍ୟ ଉତ୍ସବର ସନ୍ଧ୍ୟାକୁ ଶାସ୍ତ୍ରୀୟ ଓଡିଶୀ ଓ କଥକ ନୃତ୍ୟରେ ବିଭୋର କରିଥିଲେ ଶିଳ୍ପୀ। ପ୍ରତିକୂଳ ପାଗକୁ ନେଇ ପାଣିପାଗର ପୂର୍ବାନୁମାନ ଅନେକ ଆଶଙ୍କା ସୃଷ୍ଟି କରିଥିଲେ ମଧ ନୃତ୍ୟର ଉପସ୍ଥାପନା ଓ ଦର୍ଶକଙ୍କ ଉପସ୍ଥିତିରେ ଏହାର ସାମାନ୍ୟ ପ୍ରଭାବ ବି ପଡ଼ିନଥିଲା। ପ୍ରଥମ ଚରଣରେ ଓଡିଶୀ ନୃତ୍ୟଗୁଚ୍ଛ ନେଇ ମଞ୍ଚପ୍ରବେଶ କରିଥିଲେ ସୁବିଖ୍ୟାତ ନୃତ୍ୟ ବିଦୁଷୀ ଗୁରୁ କୁମ୍‌କୁମ୍ ମହାନ୍ତି ଗୀତଗୋବିନ୍ଦ ଅନୁଷ୍ଠାନର ଶିଳ୍ପୀଗଣ। ପାରମ୍ପରିକ ବିଧି ଓ ସମର୍ପଣ ଭାବର ପ୍ରକାଶକୁ ମଞ୍ଚସ୍ଥ କରିଥିଲା ମଞ୍ଚପୂଜା ଓ ହଂସଧ୍ୱନୀ ପଲ୍ଲବୀ। ବିଚିତ୍ର ରାମାୟଣ କାବ୍ୟ ଅନ୍ତର୍ଗତ ବୈଦେହୀଶ ବିଳାସ - 'ହେ ବନଗିରି ହେ ଲତାଗିରି ! ମୋ କାନ୍ତ ଗଲେ ମୃଗ ମାରି'ର ପରିବେଷଣ କରୁଣ ରସରେ ବିଗଳିତ କରିଥିଲା ଦର୍ଶକଙ୍କ ହୃଦୟକୁ। ଓଡିଶୀର ଅନ୍ତିମ ପ୍ରସ୍ତୁତିରେ ଥିଲା ଅଭିନୟ ମା' ଭାବାନୀ। ଗୁରୁ କୁମ୍‌କୁମ୍ ମହାନ୍ତି ଓ ଗୀତଗୋବିନ୍ଦ ଅନୁଷ୍ଠାନର ଶିଳ୍ପୀଙ୍କ ପରିବେଷଣରେ ବିମୁଗ୍ଧ ଦର୍ଶକଙ୍କ କରତାଳି ମୁକ୍ତାକାଶ ରଙ୍ଗମଞ୍ଚ ପରିସରକୁ ପ୍ରକମ୍ପିତ କରିଥିଲା।



ଦ୍ୱିତୀୟପ୍ରସ୍ତୁତିରେକଥକନୃତ୍ୟରେ ପରଶି ଦେଇଥିଲେ ସୂର୍ଯ୍ୟନାରାୟଣ ଉପାସନା ଆଧାରିତ ଅଭିନୟ ସୂର୍ଯ୍ୟ ଜ୍ୟୋତି ଓ ରସ-ରୂପ ଓ ରଙ୍ଗର କଳାଗକ ନିବେଦନ ରଙ୍ଗ ବସନ୍ତ। ରାଜକୀୟ ଆଟୋପକୁ ନେଇ ଦରବାର ନୃତ୍ୟ ସଙ୍ଗୀତର ଅନୁଭବ ଦେଇଥିଲା। ଦରବାରୀ କାନଡାର ନୃତ୍ୟ ସଂରଚନା ଗୁରୁ ଲୁନା ପୋଦାର ଓ ପ୍ରେରଣା ଅନୁଷ୍ଠାନର ଶିଳ୍ପୀଙ୍କ ଉପସ୍ଥାପନା ସମବେତ ଦର୍ଶକଙ୍କୁ ଆନମନା କରିଥିଲା। ଉଦ୍‌ଯାପନୀ ସନ୍ଧ୍ୟାର ଅତିଥିମାନେ ଥିଲେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ଡଃ ଲେନିନ୍ ମହାନ୍ତି, ପୂର୍ବତନ ପ୍ରଶାସନିକ ଅଧିକାରୀ ଅଶୋକ କୁମାର ତ୍ରିପାଠୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡମୀର ସଭାପତି ତଥା ବିଶିଷ୍ଟ ଓଡିଶୀ ନୃତ୍ୟାଙ୍ଗନା ଗୁରୁ ଅରୁଣା ମହାନ୍ତି ଏବଂ କୋଣାର୍କର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ସଂଯୁକ୍ତା ତ୍ରିପାଠୀ।

ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ମଧ୍ୟ ଆଜି ଉଦ୍‌ଯାପିତ ହୋଇଥିଲା। ଅନ୍ତିମ ଦିନରେ ଗୁରୁବାର ମାଣବସା, ଓଡ଼ିଶାର ମନ୍ଦିର ଓ ଭାରତର କୀର୍ତ୍ତିରାଜି ଉପରେ ବାଲୁକା କଳା ପ୍ରଦର୍ଶିତ ହୋଇଥିଲା। ଯାହାକୁ ଦର୍ଶକ ବହୁମାତ୍ରାରେ ଉପଭୋଗ କରିଥିଲେ। ଅଧ୍ୟାପକ ଡଃ ମୃତ୍ୟୁଞ୍ଜୟ ରଥ ଓ ସଂହତି ପାଣିଙ୍କ ସଂଯୋଜନା ସହିତ ମଞ୍ଚ ପରିଚାଳନାରେ ସହଯୋଗ ରଖିଥିଲେ ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ଓ ଡଃ ସଙ୍ଗୀତା ଗୋସାଇଁ। ପରିଶେଷରେ କୃତୀ ବାଲୁକା ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମକର୍ତ୍ତାମାନେ ଏହି ପାଞ୍ଚଦିନ ବ୍ୟାପି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ପରିଚାଳନା କରିଥିଲେ।

## କପିଳାସ ପୀଠର ଚନ୍ଦ୍ରଶେଖର ଜୀଉଙ୍କୁ ଦର୍ଶନ କଲେ ରାଜ୍ୟପାଳ



**ଗଁଦିଆ, ୬।୧୨(ସମିସ):** ଆଜି ଦିନିକିଆ ଗସ୍ତରେ ଢେଙ୍କାନାଳ ଆସିଛନ୍ତି ରାଜ୍ୟପାଳ ରଘୁବର ଦାସ। ସକାଳ ୧୦ଟା ୪୦ ମିନିଟରେ ବାବା ଚନ୍ଦ୍ରଶେଖରଙ୍କ ପୀଠ କପିଳାସରେ ପହଞ୍ଚି ବାବାଙ୍କ ଦର୍ଶନ କରିଥିଲେ। ଦେଓଗାଁଠାରେ ଥିବା ଅଙ୍ଗନବାଡି କେନ୍ଦ୍ର ବୁଲିଥିଲେ। ପରେ କପିଳାସ ସରକାରୀ ଉଚ୍ଚବିଦ୍ୟାଳୟଠାରେ ଥିବା ବାଳିକା ଛାତ୍ରୀନିବାସର ଛାତ୍ରୀମାନଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହା ପରେ ବିଶ୍ୱନାଥପୁର ଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବୁଲିଥିଲେ ରାଜ୍ୟପାଳ। ଅପରାହ୍ନ ସମୟରେ ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ଗାଦି ବୁଲି ବାବାମାନଙ୍କ ସହିତ ଆଲୋଚନା ମଧ୍ୟ କରିଛନ୍ତି।

ଏହି ସମୟରେ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ, ଏସପି ଜ୍ଞାନରଞ୍ଜନ ମହାପାତ୍ର ଓ ସମସ୍ତ ଜିଲ୍ଲାସ୍ତରୀୟ ଏବଂ ବ୍ଲକ ସ୍ତରୀୟ ଅଧିକାରିମାନେ ଉପସ୍ଥିତ ଥିଲେ।

## ରେଳ ଧାରଣାରେ ଯୁବକଙ୍କ ମୃତଦେହ

**ମାର୍ଥାପୁର, ୬।୧୨(ସମିସ):** ଭୁବନ ଦେଇ ଯାଇଥିବା ରେଳ ଧାରଣରେ ଭୁବନ ରୋଡ୍ ଷ୍ଟେସନ୍ ନିକଟରେ ଯୁବକଙ୍କ ମୃତଦେହ ଦେଖିବାକୁ ମିଳିଛି। ଆଜି ସକାଳ ସମୟରେ ଜଣେ ବ୍ୟକ୍ତି ଭୁବନ ରୋଡ୍ ଷ୍ଟେସନ ନିକଟରେ ଯୁବକ ଜଣଙ୍କର ଶରୀରରୁ ହାତ ଅଲଗା ହୋଇ ପଡ଼ି ରହିଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ମୃତ ବ୍ୟକ୍ତି ଜଣଙ୍କ କୁନିନ୍ଦା ଗ୍ରାମ ବ୍ରହ୍ମାନନ୍ଦ କଲୋନିର ରବି ଦେହୁରୀ(୩୦) ବୋଲି ଜଣା ପଡ଼ିବା ପରେ ମୃତଦେହକୁ ପରିବାର ଲୋକ ଉଦ୍ଧାର କରି ଶ୍ମଶାନକୁ ଶବ ଦାହ କରିବାକୁ ନେଇଯାଉଥିଲେ। ଘଟଣା ସ୍ଥଳରେ ଭୁବନ ପୁଲିସ୍ ପହଁଚି ଶବକୁ ଜବତ କରି ଡାକ୍ତରଖାନାକୁ ବ୍ୟବଚ୍ଛେଦ ପଠାଇବା ସହ ଅଧିକ ତଦନ୍ତ ଆରମ୍ଭ କରିଛି। ମୃତବ୍ୟକ୍ତିର ରେଳ ଦୁର୍ଘଟଣାରେ ମୃତ ହୋଇଥିବା ସନ୍ଦେହ ହୋଇଥିବା ବେଳେ ଘଟଣା ସମ୍ପର୍କରେ ରେଳବାଇ ପୁଲିସ ପାଖରେ ଖବର ନଥିବା ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି।

# ଦିନିକିଆ ଢେଙ୍କାନାଳ ଗସ୍ତରେ ରାଜ୍ୟପାଳ

## ଯୋରନ୍ଦା ମହିମାଗାଦିରେ ସାଧୁସନ୍ଥଙ୍କ ସହିତ ବାର୍ତ୍ତାଳାପ







**ଢେଙ୍କାନାଳ, ୬।୧୨(ସମିସ)**



ରାଜ୍ୟପାଳ ରଘୁବର ଦାସ ଦିନିକିଆ ଢେଙ୍କାନାଳ ଗସ୍ତରେ ଆସି ଯୋରନ୍ଦା ମହିମାଗାଦି ପରିଦର୍ଶନ କରି ମହିମା ସାଧୁସନ୍ଥଙ୍କ ସହିତ ବାର୍ତ୍ତାଳାପ କରିବା ସହ ସେମାନଙ୍କ ଅସୁବିଧା ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଯୋରନ୍ଦାସ୍ଥିତ ବୃଦ୍ଧାଶ୍ରମକୁ ଯାଇ ଆଶ୍ରମର ପରିଚାଳନା ସମ୍ପର୍କରେ ଅବଗତ ହୋଇଥିଲେ। ଏହାପରେ ଯୋରନ୍ଦା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରି ସ୍ଥାନୀୟ ବାସିନ୍ଦାଙ୍କ ସହିତ ଆଲୋଚନା କରିଥିଲେ। ଏହା ସହିତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହିତ ଭାବ ବିନିମୟ କରିଥିଲେ। ସେମାନଙ୍କ କାର୍ଯ୍ୟପନ୍ଥା କଣ ରହୁଛି, ତା'ସହ ସେମାନେ କଣ କଣ ସୁବିଧା ସୁଯୋଗ ପାଉଛନ୍ତି ସେ ବିଷୟରେ ପଚାରିଥିଲେ। ସେମାନଙ୍କୁ ଆଉ ନୂତନ ଅଭିନବ ଉପାୟମାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଯେପରିକି ସେ ଯେତେବେଳେ ଝାଡଖଣ୍ଡ ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲେ ସେତେବେଳେ ସେ ସେଠାରେ ମହିଳାମାନଙ୍କୁ ଗୋବର ବ୍ୟାଙ୍କ୍ କରିବାକୁ ପରାମର୍ଶ ଦେଇଥିଲେ। ଯାହାକି ସଫଳତା ଲାଭ କରିଥିଲା ବୋଲି ସେ ପ୍ରକାଶ କରିଥିଲେ। ଗୋବର ବ୍ୟାଙ୍କରୁ ଗୋବର ଗ୍ୟାସ, ଖତ ଆଦି ଉତ୍ପାଦନ କରାଯାଇ ପାରିବ। ଏହା ସହିତ ସେ ସୋଲାର ଫାର୍ମିଂ ପାଇଁ ମଧ୍ୟ ପରାମର୍ଶ ଦେଇଛନ୍ତି। ଯେହେତୁ କୋଇଲା ସରନ୍ତି ସମ୍ବଳ ତେଣୁ ଏହାର ବିକଳ୍ପ ରୂପେ ସୌରଶକ୍ତି କାର୍ଯ୍ୟ କରିପାରିବ। ଯାହାର ଆଗାମୀ ଦିନମାନଙ୍କରେ ଚାହିଦା ମଧ୍ୟ ରହିବ। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଅଧିକ ସୁଦୃଢ଼ କରିବାପାଇଁ ରାଷ୍ଟ୍ରୀୟ ଗ୍ରାମୀଣ ଜୀବିକା ମିଶନ ପ୍ରଣୟନ କରିଛନ୍ତି। ଯାହା ମାଧ୍ୟମରେ ମହିଳା ଗୋଷ୍ଠୀଙ୍କୁ ବିନା ଗ୍ୟାରେଣ୍ଟିରେ ୨୦ଲକ୍ଷ ଲେଖାଏଁ ଋଣ ମିଳିବ ବୋଲି ରାଜ୍ୟପାଳ କହିଥିଲେ। ରାଜ୍ୟପାଳଙ୍କ ଗସ୍ତ ସମୟରେ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ, ଏସପି ଜ୍ଞାନରଞ୍ଜନ ମହାପାତ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ସଦର ଉପଜିଲ୍ଲାପାଳ ସପନ କୁମାର ନନ୍ଦଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଅଙ୍ଗନବାଡ଼ି କର୍ମୀ ଗାଁରୁ ବାସନ୍ଦ ଘଟଣା
# ସମାଧାନ ପାଇଁ ପ୍ରଶାସନର ପ୍ରୟାସ

**ମାର୍ଥାପୁର, ୬।୧୨(ସମିସ):** ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ଜୟପୁର ଗ୍ରାମରେ ଅଙ୍ଗନବାଡ଼ି କର୍ମୀ ନିଯୁକ୍ତିକୁ ନେଇ ଦେଖାଦେଇଛି ଅଭାବନୀୟ ପରିସ୍ଥିତି। ଅଙ୍ଗନବାଡ଼ି ଚାକିରିକୁ କେନ୍ଦ୍ରକରି ଆଙ୍ଗନବାଡ଼ି କର୍ମୀଙ୍କ ସହ ତାଙ୍କ ପରିବାରକୁ ଗ୍ରାମରୁ ବାସନ୍ଦ କରାଯିବା ଘଟଣାର ସମାଧାନ ନିମନ୍ତେ ଗ୍ରାମବାସୀଙ୍କୁ ନେଇ ପ୍ରଶାସନ ପକ୍ଷରୁ ମଙ୍ଗଳବାର ବୈଠକ ବସିଥିଲା। ତେବେ ଏଥିରୁ କୌଣସି ସମାଧାନ ବାହାରି ପାରି ନଥିଲା। କର୍ମୀ ଜଣକ ଚାକିରିରେ ଯୋଗଦେବା ଦିନଠାରୁ ଅଙ୍ଗନବାଡ଼ି ରେଜିଷ୍ଟରରେ ସର୍ବମୋଟ ୨୭ଜଣ ପିଲାଙ୍କ ନାମ ଥିଲେ ମଧ୍ୟ ଜଣେ ହେଲେ କେନ୍ଦ୍ରକୁ ଆସୁନାହାନ୍ତି। ଦୋକାନକୁ ଗଲେ ଦୋକାନୀ ସଉଦା ଦେଉନାହିଁ। ବିଲରେ ଚାଷ କରାଇ



ଦେଉନାହାନ୍ତି ଗ୍ରାମବାସୀ। ଏମିତିକି ଗ୍ରାମର କେହି ଯଦି ଅଙ୍ଗନବାଡ଼ି କର୍ମୀଙ୍କ ପରିବାର ସହିତ କଥା ମଧ୍ୟ ହେଉଛନ୍ତି ତେବେ ଉକ୍ତ ବ୍ୟକ୍ତିଠାରୁ ୫୦୦୦ ଟଙ୍କା ମଧ୍ୟ ଆଦାୟ କରୁଛି ଗ୍ରାମ କମିଟି। ଅଙ୍ଗନବାଡ଼ି କର୍ମୀ ଜ୍ୟୋତ୍ସ୍ନାମୟୀ ପାତ୍ର ନଭେମ୍ବର ୩ରେ ଚାକିରିରେ ଯୋଗ ଦେଇଥିଲେ। ପୂର୍ବରୁ ସେ ଅଙ୍ଗନବାଡି କର୍ମୀ ପାଇଁ ଆବେଦନ କରିଥିବା ଅନ୍ୟ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ବିରୋଧରେ ଅଭିଯୋଗ କରିଥିଲେ। କାହିଁକି ଅଭିଯୋଗ କଲ ସେଥିପାଇଁ ତାଙ୍କୁ ଗ୍ରାମରୁ ବାସନ୍ଦ କରିଛନ୍ତି ଗ୍ରାମବାସୀ। ଏନେଇ ଗ୍ରାମବାସୀଙ୍କ ସହ ମିଳାମିଶା କରିବା ପ୍ରଶାସନିକ ଅଧିକାରୀ ତହସିଲଦାର ଶିରୀୟଲ ଶୁଭ୍ର ପଟେଲ, ବିଡିଓ କଲ୍ୟାଣ ସୌରଭ ଦାସ, ଶିଶୁ ବିକାଶ ଅଧିକାରିଣୀ ଦାୟିତ୍ୱରେ ଥିବା ସୋନାଲି ସାହୁ, ପୁଲିସ ଅଧିକାରୀ ଗାଁର ମଣ୍ଡପରେ ବସି ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। କିନ୍ତୁ ଗ୍ରାମର ମୁରବୀ ଏକ ବାହାଘର କାର୍ଯ୍ୟରେ ଯାଇଥିବାରୁ ଆଲୋଚନା ହୋଇଥିଲେ ବି ସମାଧାନ ହୋଇ ପାରିନଥିଲା। ଗ୍ରାମ ମୁରବୀଙ୍କ ଅନୁପସ୍ଥିତ ଯୋଗୁ ସମାଧାନ ହୋଇ ପାରିନଥିଲା ବୋଲି କହିଛନ୍ତି ତହସିଲଦାର ସ୍ରିଲ ସୁଭ୍ରା ପଟେଲ। ଗ୍ରାମବାସୀ ଓ ଶିବରାମ ମଲ୍ଲିକଙ୍କ ପରିବାର ମଧ୍ୟରେ ହୋଇଥିବା ଅଘଟଣ ସମ୍ପର୍କରେ ଆଲୋଚନା ହୋଇଥିଲେ।

## ଶ୍ରୀରାମଚନ୍ଦ୍ରପୁରରେ ପଞ୍ଚରାତ୍ର ମହୋତ୍ସବ



**ଗଁଦିଆ, ୬।୧୨(ସମିସ):** ଗଁଦିଆ ବ୍ଲକ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁରଠାରେ ଆୟୋଜିତ ଶ୍ରୀ ଜଗନ୍ନାଥଙ୍କ ପଞ୍ଚରାତ୍ର ଓ ଚବିଶ ବେଶ, ଛପନଭୋଗ ପ୍ରଦର୍ଶନୀର ପଞ୍ଚମ ଦିନରେ ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରଦ୍ଧାଳୁଙ୍କ ଜନସମୁଦ୍ରରେ ବିମୋହିତ ହୋଇ ଶ୍ରୀକ୍ଷେତ୍ର ପୁରୀ ବଡଦାଣ୍ଡର ଦୃଶ୍ୟଭବରେ ଭ୍ରମିତ କରିଦେଇଛି ବୋଲି କହିଥିଲେ। ଜଗନ୍ନାଥ ଭାବଧାରାର ଚିନ୍ତା ଓ ଚେତନା ଆଜି ଭକ୍ତିପୁତଃ ସ୍ୱରୂପ ନିଦର୍ଶନ ସମାଜରେ ମନରେ ଭକ୍ତିର ପୂର୍ଣ୍ଣତା ଆଣିଦେଇଛି ବୋଲି ମତବ୍ୟକ୍ତ କରିଛନ୍ତି। ପ୍ରବଚକ ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ଯୋଗଦେଇ ମହାପ୍ରସାଦର ମହାତ୍ମ୍ୟ, ଗ୍ରନ୍ଥର ମହାତ୍ମ୍ୟ ଓ ବ୍ରତବିଧାନ ଉପରେ ବାଖ୍ୟା କରିଥିଲେ। ହଜାର ହଜାର ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ମଞ୍ଚ ସଞ୍ଚାଳକ ଭାବେ ଅରୁଣ କୁମାର ପୁହାଣ ନିଜର କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଅନିଲ କୁମାର ରାଉତ, ଦେବରାଜ ଓଝା ଓ ରାମଚନ୍ଦ୍ର ଦାଶ ସହଯୋଗ କରିଥିଲେ।

● କାମାକ୍ଷାନଗରରେ ନିଆରା ପ୍ରଥମାଷ୍ଟମୀ
## ୯୦ ବର୍ଷ ବୟସରେ ପଢୁଆଁ ହେଲେ ବୃଦ୍ଧ

**କାମାକ୍ଷାନଗର, ୬।୧୨(ସମିସ):** ସାରା ରାଜ୍ୟରେ ଗାଁଠୁ ସହର ଆଜି ପ୍ରଥମାଷ୍ଟମୀ ପ୍ରତି ପରିବାରରେ ପାଳନ କରାଯାଉଛି। କାମାକ୍ଷାନଗରରେ କିନ୍ତୁ ଦେଖିବାକୁ ମିଳିଛି ନିଆରା



ପ୍ରଥମାଷ୍ଟମୀ। ୯୦ ବର୍ଷ ବୟସରେ ପଢୁଆଁ ହୋଇ ଏହି ପର୍ବର ଓଡ଼ିଆ ଘରେ କେତେ ଯେ ମହତ୍ୱ ତାହା ପ୍ରମାଣିତ କରିଛନ୍ତି କାମାକ୍ଷାନଗର ବ୍ଲକ ବାଉଁଶପାଳ ପଞ୍ଚାୟତ ଅନ୍ତର୍ଗତ କୁସିଆ ଗ୍ରାମର ସଦାଶିବ ରାଉଳ। ବୟସ ଆସି ୯୦ ହେଲାଣି, ନାତି, ନାତୁଣୀ, ଅଣନାତି, ଅଣନାତୁଣୀ ଦେଖିଲେଣି। କିନ୍ତୁ ଆଜି ପଢୁଆଁ ହୋଇ ନିଜ ପିଲାଦିନ କଥା ମନେ ପକାଉଛନ୍ତି ସଦାଶିବ। ସକାଳୁ ବୋହୂ ତାଙ୍କୁ ଫୁଲ, ଚନ୍ଦନ ଦେଇ ବନ୍ଦାପନା କରି, ଏଣ୍ଡୁରି ପିଠା ଖୁଆଇ ପଢୁଆଁ କରିଥିଲେ। ଆଜି ପର୍ଯ୍ୟନ୍ତ ତାଙ୍କ ମାମୁଁ ଘରୁ ତାଙ୍କ ପାଇଁ ନୂଆବସ୍ତ୍ର ଓ ଅଷ୍ଟମୀ ଭାର ଆସୁଛି। ଯାହାକି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି।

## ବ୍ଲକ୍‌ସ୍ତରୀୟ ଆଦିବାସୀ ସଂଗଠନ ମହୋତ୍ସବ

**କଙ୍କଡ଼ାହାଡ଼, ୬।୧୨(ସମିସ):** କଙ୍କଡାହାଡ଼ ବ୍ଲକ ମରୁଆବିଲ ପଞ୍ଚାୟତ ଅନ୍ତର୍ଗତ ସେଣ୍ଣଶର(ରାମିଆ ସାହି)ଠାରେ ଆଦିବାସୀ ସଂଗଠନ ତରଫରୁ ବ୍ଲକସ୍ତରୀୟ କଙ୍କଡାହାଡ଼ ଆଦିବାସୀ ମହୋତ୍ସବ ଅନୁଷ୍ଠିତ ହୋଇଛି। ଆଦିବାସୀ ଅଧ୍ୟୁଷିତ କଙ୍କଡାହାଡ଼ ବ୍ଲକର ୨୧ଟି ପଞ୍ଚାୟତରୁ ଦୁଇ ହଜାରରୁ ଅଧିକ ଆଦିବାସୀ ସମ୍ପ୍ରଦାୟର ଜନସାଧାରଣ ଏକତ୍ରିତ ହୋଇ ପ୍ରଥମା ଅଷ୍ଟମୀ ଅବସରରେ କଙ୍କଡାହାଡ଼ ଆଦିବାସୀ ମହୋତ୍ସବ ପାଳନ କରିଛନ୍ତି। ମୁଖ୍ୟ ଅତିଥି ଭାବେ କଙ୍କଡାହାଡ଼ ପଞ୍ଚାୟତ ସମିତି ପୂର୍ବତନ ବ୍ଲକ ଅଧକ୍ଷ କାର୍ତ୍ତିକ ସାହୁ ଯୋଗ ଦେଇଥିଲେ। ଶ୍ରୀ ସାହୁ କହିଥିଲେ କଙ୍କଡାହାଡ଼ ବ୍ଲକର ସାମଗ୍ରିକ ବିକାଶରେ ଅନୁସୂଚିତ ଜନଜାତି ଶ୍ରେଣୀର ଲୋକଙ୍କ ଅବଦାନ ଅତୁଳନୀୟ। ସମ୍ମାନିତ ଅତିଥି ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀ ମହାନ୍ତ, ମକୁଆକାଟେଣି ସରପଞ୍ଚ ଦୀପାମଞ୍ଜରୀ ସାହୁ, ବାମ ସମିତି ସଭ୍ୟା ଲକ୍ଷ୍ମୀ ହେସା, ମକୁଆକାଟେଣି ସମିତି ସଭ୍ୟା ହୀରାବତୀ ମୁଣ୍ଡା, କରଗୋଳା ସମିତି ସଭ୍ୟା ପ୍ରତିନିଧି କବିବର ସିଂହ, ପୂର୍ବତନ ସମିତି ସଭ୍ୟକୈଳାସ ତିରିଆ, ପଞ୍ଚାନନ ମହାନ୍ତ, ବରିଷ୍ଠ ବିଜେଡି ନେତା ଜୟନ୍ତ ମହାନ୍ତ, ଭୀମସେନ ସାହୁ, ଆଦିବାସୀ ନେତା ବାବୁଲି ପିଙ୍ଗୁଆ ଉପସ୍ଥିତ ଥିଲେ। ପ୍ରତିବର୍ଷ ସଂଗଠନ ପକ୍ଷରୁ ମହୋତ୍ସବ ପାଳନ କରାଯାଇଥାଏ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମରୁଆବିଲ ପଞ୍ଚାୟତର ଆଦିବାସୀ ସଂଗଠନ ନେତୃତ୍ୱରେ ଶାନ୍ତି ଶୃଙ୍ଖଳାରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

## ଅବସରପ୍ରାପ୍ତ ପୌର ସ୍ୱାସ୍ଥ୍ୟ ନିରୀକ୍ଷକଙ୍କ ଶ୍ରଦ୍ଧାଞ୍ଜଳି ସଭା



**ଢେଙ୍କାନାଳ, ୬।୧୨(ସମିସ):** ଢେଙ୍କାନାଳ ସହର ମୀନାବଜାର ଅନ୍ତର୍ଗତ ଜଗନ୍ନାଥ ରୋଡ ପାର୍ଶ୍ୱ ଗୋଡି ପଡ଼ିଆଠାରେ ଅବସରପ୍ରାପ୍ତ ପୌର ପରିଷଦ ସ୍ୱାସ୍ଥ୍ୟ ନିରୀକ୍ଷକ ଜି. ବିଚିତ୍ରା ରାଓଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଅଛି। ଗତ ୨୪ ତାରିଖରେ ୯୨ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା। ସେ ଢେଙ୍କାନାଳ ପୌର ପରିଷଦର ସ୍ୱାସ୍ଥ୍ୟ ନିରୀକ୍ଷକ ଭାବେ କାର୍ଯ୍ୟରତ ଥିଲେ। ଦୀର୍ଘ ୩୦ ବର୍ଷ ହେବ ଅବସର ଗ୍ରହଣ କରି ଘରେ ରହୁଥିଲେ। ସେ ଜଣେ ମେଳାପି, ମିଷ୍ଟଭାଷୀ ଓ ଧର୍ମପରାଣ ବ୍ୟକ୍ତି ଥିଲେ। ସଭାରେ ପରିବାର ବର୍ଗଙ୍କ ସହିତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଙ୍ଗୀତ ମହ୍ଲାର ଭଜନ ଭକ୍ତି ପୁଷ୍ପାଞ୍ଜଳି ତରଫରୁ ଭଜନ ପରିବେଷଣ ହୋଇଥିଲା।

## କନ୍ଧରା ଗାଁରେ ହାତୀ ଆକ୍ରମଣରେ ଜଣେ ଗୁରୁତର

**କାମାକ୍ଷାନଗର, ୬।୧୨(ସମିସ):** ହାତୀ ଆକ୍ରମଣରେ ଜଣେ ଗୁରୁତର ହୋଇ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ କଙ୍କଡାହାଡ଼ କନ୍ଧରା ଗାଁର ମନୋଜ ମହାରଣା ଓ ଦିଲୀପ ସାହୁ ଆଜି ସକାଳେ ଶୌଚ ପାଇଁ ଯାଇଥିବା ବେଳେ ଏକ ହନ୍ତାହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ଫଳରେ ହାତୀ ସେମାନଙ୍କୁ ଆକ୍ରମଣ କରିଥିଲା। ହାତୀ ଆକ୍ରମଣରେ ମନୋଜ ଗୁରୁତର ଆହତ ହୋଇଥିବା ବେଳେ ଦିଲୀପ ଦୌଡ଼ି ପଳାଇ ଯାଇଥିଲେ।

ହିନ୍ଦୋଳରେ ବଢୁଛି ହାତୀଙ୍କ ଉତ୍ପାତ
# ସ୍ୱଷ୍ଟ ଦିବାଲୋକରେ ବଜାରରେ ବୁଲୁଛନ୍ତି ହାତୀ

**ହିନ୍ଦୋଳ, ୬।୧୨(ସମିସ)**

ହିନ୍ଦୋଳ ଉପଖଣ୍ଡରେ ହାତୀଙ୍କ ଉପଦ୍ରବ ପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇସାରିଲାଣି। ବର୍ତ୍ତମାନ ହିନ୍ଦୋଳ ସାରା ପ୍ରାୟ ୨୫୦ରୁ ୩୫୦ ହାତୀ ରାତିଦିନ ତାଣ୍ଡବ କରୁଛନ୍ତି। ବର୍ଷେ ଭିତରେ ପ୍ରାୟ ୩୦ଜଣ ବ୍ୟକ୍ତି ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ବେଳେ ପ୍ରାୟ ୧୦ରୁ ୧୫ ହାତୀ ମଧ୍ୟ ଶିକାରୀଙ୍କ ଫାଶ ଓ ଅନ୍ୟାନ୍ୟ କାରଣ ହେତୁ ମୃତ୍ୟୁବରଣ କରିସାରିଲେଣି। ହାତୀମାନେ ଜନବସତି ମୁହାଁ ହେବା ସହ ବ୍ୟାପକ ଫସଲ ହାନି ମଧ୍ୟ ଘଟାଉଛନ୍ତି।

ସେହିପରି ହିନ୍ଦୋଳ ଏନଏସି ମଧ୍ୟ ବର୍ତ୍ତମାନ ହାତୀ ଘେରାବନ୍ଦୀରେ ରହିବା ସହ ହାତୀ ଉପଦ୍ରବ ଯୋଗୁଁ ଜନସାଧାରଣ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏହି



କିଛି ଦିନ ମଧ୍ୟରେ ହିନ୍ଦୋଳ ଉପଖଣ୍ଡର ଚିଉଳପୁର, ପଞ୍ଚୁପଡ଼ା, ନୂଆ, ଠୋକର, ରଞ୍ଜାଗୋଳ, କଳିଙ୍ଗା, ଜରଡ଼ା, ମାଧପୁର ଇତ୍ୟାଦି ଅଞ୍ଚଳରେ ହାତୀ ବ୍ୟାପକ ଫସଲ ନଷ୍ଟ କରିଥିବାରୁ ଜନସାଧାରଣ ମୁଣ୍ଡରେ ହାତ ଦେଇ ବସିଲେଣି। ଏପଟେ ବନ ବିଭାଗର ଦାୟିତ୍ୱହୀନତା ପାଇଁ ଓ ହିନ୍ଦୋଳ ରେଞ୍ଜରଙ୍କ ଅପାରଗତା ପାଇଁ ବନବିଭାଗ ସମ୍ପୂର୍ଣ୍ଣ ଫେଲ ମାରିଛି। ବନବିଭାଗ ବିଭିନ୍ନ ସ୍ଥାନରେ ଷ୍ଟ୍ରେଞ୍ଚ ଖୋଳିବା, ପୋଖରୀ ଖୋଳିବା, ଜଙ୍ଗଲ ରାସ୍ତା ମରାମତି କରିବା, ସୋଲାର ଲଗାଇବା, ଚାରା ଲଗାଇବା ଇତ୍ୟାଦି ନାମରେ କୋଟି କୋଟି ଟଙ୍କାର କାର୍ଯ୍ୟ କରି ନିଜର ପକେଟ ଗରମ କରିବା ସହ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କୁ ମୁନାଫା ଲାଭରେ ସାହାଯ୍ୟ କରିବାରେ ସମୟ ବିତାଇଦେଉଥିବା ଜନସାଧାରଣଙ୍କୁ ବ୍ୟଥିତ କରିସାରିଲାଣି। ହାତୀ ଉପଦ୍ରବ ରୋକିବା ଓ ସୋଲାର ବାଡ଼ ଲଗାଇବା ଇତ୍ୟାଦି କାର୍ଯ୍ୟ ପାଇଁ ଦୁରଦୃଷ୍ଟି ଅଭାବ ଓ ସୁଚିନ୍ତିତ ଯୋଜନା ବିନା ନାମକୁ ମାତ୍ର ପ୍ରଚାର ମାଧ୍ୟମରେ ଜନସଚେତନତା କରାଇବା ପାଇଁ ଆଜି ବନବିଭାଗ ହିନ୍ଦୋଳରେ ଫେଲ ମାରିଛି। ଫଳରେ ହାତୀ ଆକ୍ରମଣରେ ମଣିଷ ମରିବା ଦୈନନ୍ଦିନ ଘଟଣାରେ ପରିଣତ ହୋଇସାରିଛି। ବନଅଧିକାରୀଙ୍କ ସହ ବନବିଭାଗର ଅପାରଗତା ପାଇଁ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ବୃଦ୍ଧି ପାଇବା ସହ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସର୍ବସାଧାରଣରେ ଦାବି ଜୋର ଧରିଛି।

## ଇ-ଟେକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମାଷ୍ଟମୀ ପାଳିତ



**ଢେଙ୍କାନାଳ, ୬।୧୨(ସମିସ):** ଢେଙ୍କାନାଳ ସହର ଉପକଣ୍ଠ ମଙ୍ଗଳପୁରଠାରେ ଅବସ୍ଥିତ ଇ-ଟେକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ପ୍ରଥମାଷ୍ଟମୀ ପାଳନ କରିଛନ୍ତି। ଅନୁଷ୍ଠାନର ଅଧକ୍ଷ ଡ. ସୁରେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଉପାଧ୍ୟକ୍ଷ ଅନୀଲ କୁମାର ଗୋଚ୍ଛାୟତ, ଅନୁଷ୍ଠାନର ସମ୍ପାଦିକା ସାଗରବାଳା ହୋତା ଏବଂ ଅନ୍ୟ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ସମସ୍ତ କର୍ମଚାରୀ ଯୋଗଦେଇଥିଲେ। ଛାତ୍ରଛାତ୍ରୀ ନୂତନ ପୋଷାକ ପରିଧାନ କରିଥିବା ବେଳେ ସମସ୍ତଙ୍କୁ ପୁଷ୍ପଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ବର୍ତ୍ତମାନ ସମୟରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଏହିଭଳି ପ୍ରଥା ଏବଂ ପରମ୍ପରା ପାଳନ ଗୁଡିକ ପାଳନ କରିବା ନିଶ୍ଚିନ୍ତ ଭାବରେ ଆମ ସମାଜ ଉପରେ ସୁପ୍ରଭାବ ପକାଇବ।

ଆମ ସଂସ୍କୃତି ଏବଂ ପରମ୍ପରା ଗୁଡିକରେ ସମାଜର ସବୁ ବର୍ଗର ଜନସାଧାରଣ ସାମିଲ ହେଲେ ଏହା ଉତ୍ତରପିଢୀ ପାଇଁ ଏକ ସମୃଦ୍ଧ ସମାଜ ଗଠନ ତଥା ଭାଇଚାରା ସୃଷ୍ଟି କରିବ ବୋଲି ଅଧକ୍ଷ ଡ. ମିଶ୍ର ମତବ୍ୟକ୍ତ କରିଛନ୍ତି। ଇ-ଟେକ୍ ପରିସରରେ ଏହିଭଳି ସଂସ୍କୃତି ସମ୍ପନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବା ଦ୍ୱାରା ପରସ୍ପର ଭିତରେ ଦୃଢ଼ ଆନ୍ତରିକତା ସହିତ ଆମ ଭାରତୀୟ ସଂସ୍କୃତି ଋଦ୍ଧିମନ୍ତ କରିବାରେ ସାହାଯ୍ୟ କରିବ ବୋଲି ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନର ସମ୍ପାଦିକା ଶ୍ରୀମତୀ ହୋତା କହିଛନ୍ତି।

